RNI No.ODIODI/2010/33031
୧୭ ବର୍ଷ | Volume- 17
ISSUE -135 | ସଂଖ୍ୟା-୧୩୫
ଭୁବନେଶ୍ୱର, ଶୁକ୍ରବାର ୦୭ ଅଗଷ୍ଟ ୨୦୨୬
Bhubaneswar, Friday 07 August, 2026
୦୮ ପୃଷ୍ଠା | Pages-08
ମୂଲ୍ୟ : ୨.୦୦ ଟଙ୍କା | Price : Rs.2.00
www.odishamanthan.com

MANTHAN
# ମନ୍ଥନ
www.odishamanthan.com RNI No. ORIORI/2010/33031
ଏକ ନିର୍ଭୀକ ନିରପେକ୍ଷ ଦୈନିକ ସମ୍ବାଦପତ୍ର



## ୧୨ରେ ରାଜ୍ୟ କ୍ୟାବିନେଟ

ଭୁବନେଶ୍ୱର,୬।୮(ନି.ପ୍ର): ରାଜ୍ୟର ବିକାଶକୁ ଦୃଷ୍ଟିରେ ରଖି ରାଜ୍ୟ ସରକାରଙ୍କ ପକ୍ଷରୁ ଅଗଷ୍ଟ ୧୨ରେ ରାଜ୍ୟ କ୍ୟାବିନେଟ ବୈଠକ ଅନୁଷ୍ଠିତ ହେବାକୁ ରହିଛି। ଲୋକସେବା ଭବନର ତୃତୀୟ ମହଲାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ବୁଧବାର ସନ୍ଧ୍ୟା ୫ଟାରେ ରାଜ୍ୟ କ୍ୟାବିନେଟର ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହେବ।



ଏହି ଅବସରରେ ୬ଟି ବିଭାଗର ୯ରୁ ଊର୍ଦ୍ଧ୍ୱ ପ୍ରସ୍ତାବ ଉପରେ ମୋହର ବାଜିପାରେ ବୋଲି ବିଶ୍ୱସ୍ତ ସୂତ୍ରରୁ ଜଣାପଡ଼ିଛି। ସୂଚନା ଅନୁଯାୟୀ, ରାଜସ୍ୱ, ପୂର୍ତ୍ତ, ଗ୍ରାମ୍ୟ ଉନ୍ନୟନ ଓ ଜଳସମ୍ପଦ, ପଞ୍ଚାୟତିରାଜ ଓ ଶିକ୍ଷା ବିଭାଗ ଭଳି ବିଭିନ୍ନ ବିଭାଗର ପ୍ରସ୍ତାବ ଉପସ୍ଥାପନ ହେବ ବୋଲି ଜଣାଯାଇଛି।

ସୂଚନାଯୋଗ୍ୟ, ରାଜ୍ୟର ବିକାଶକୁ ୨୦୩୬ ସୁଦ୍ଧା ବିକାଶର ଶୀର୍ଷରେ ପହଞ୍ଚାଇବା ପାଇଁ ରାଜ୍ୟ ସରକାର ଲକ୍ଷ୍ୟ ରଖିଛନ୍ତି। ଏହାକୁ ନେଇ ପ୍ରତ୍ୟେକ ବିଭାଗକୁ ଲୋକାଭିମୁଖୀ ଯୋଜନା କାର୍ଯ୍ୟକାରୀ କରିବା ସହ ପ୍ରତ୍ୟେକ ଜିଲାପାଳ ୨୫ଟି ଲେଖାଏ ନୂତନ ପ୍ରକଳ୍ପ କାର୍ଯ୍ୟକାରୀ କରିବାକୁ କୁହାଯାଇଛି। ସରକାରଙ୍କ ପକ୍ଷରୁ ବିଶେଷକରି କୃଷକ, ମହିଳା, ଯୁବବର୍ଗ, ଶିକ୍ଷା, ସ୍ୱାସ୍ଥ୍ୟକୁ ଗୁରୁତ୍ୱ ଦେଇ ବିଭିନ୍ନ ଯୋଜନା ଓ କାର୍ଯ୍ୟପନ୍ଥା ଆପଣା ଯାଉଥିବାବେଳେ ଆଗାମୀ ରାଜ୍ୟ କ୍ୟାବିନେଟରେ କିପ୍ରକାର ପ୍ରସ୍ତାବ ରହିଛି ତାହା ଦେଖିବାର ରହିଛି।

### ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ବଡ଼ ଘୋଷଣା

## ୨୦୦୦କୁ ବୃଦ୍ଧି ପାଇବ ଡାକ୍ତରୀ ସିଟ୍

ଭୁବନେଶ୍ୱର,୬।୮(ନି.ପ୍ର): ରାଜ୍ୟରେ ସ୍ୱାସ୍ଥ୍ୟସେବାକୁ ଲୋକଙ୍କ ନିକଟତର କରିବା ଏବଂ ଡାକ୍ତର ଅଭାବ ପୂରଣ କରିବାକୁ ସରକାର ଗୁରୁତ୍ୱ ଦେଉଛନ୍ତି। ଏହି କ୍ରମରେ ଭାଜପା ସରକାର କ୍ଷମତାକୁ ଆସିବା ପରେ ଡାକ୍ତରୀ ସିଟ୍ ସଂଖ୍ୟା ବୃଦ୍ଧିକୁ ଗୁରୁତ୍ୱ ଦେଉଛନ୍ତି। ଗତ ୨ ବର୍ଷରେ ୩୦୦ ସିଟ୍ ବୃଦ୍ଧି ପାଇଛି। ରାଜ୍ୟରେ ଏମ୍‌ବିବିଏସ୍ ପାଠ୍ୟକ୍ରମ ସିଟ୍ ସଂଖ୍ୟା ୧୮୦୦ରେ ପହଞ୍ଚିଥିବାବେଳେ ଚଳିତବର୍ଷ ଏହି ସଂଖ୍ୟା ୨ହଜାରକୁ ବୃଦ୍ଧି କରିବା ଲାଗି ଆଶା କରାଯାଉଥିବା ସ୍ୱାସ୍ଥ୍ୟମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ କହିଛନ୍ତି।

ସ୍ୱାସ୍ଥ୍ୟମନ୍ତ୍ରୀ ଡ. ମହାଲିଙ୍ଗ କହିଛନ୍ତି, ଗତ ୨ ବର୍ଷରେ ଓଡ଼ିଶାକୁ ୩ଟି ମେଡିକାଲ କଲେଜରେ ୧୦୦ ଲେଖାଏ ସିଟ୍‌ରେ ଏମ୍‌ବିବିଏସ୍ ପାଠ୍ୟକ୍ରମରେ ନାମଲେଖା ପାଇଁ ଅନୁମତି ମିଳିଛି। ସେଥିମଧ୍ୟରେ ଜିଏମ୍‌ସିଏଚ୍-ଫୁଲବାଣୀ, ପିଏମ୍‌ପି ଏମ୍‌ସିଏଚ୍-ତାଳଚେର, ଅନୁଗୋଳ ଏବଂ ଏସ୍‌ଆର୍‌ଏମ୍ କଳାହାଣ୍ଡି ମେଡିକାଲ କଲେଜ ଓ ହସ୍ପିଟାଲ ରହିଛି। ପ୍ରତିବର୍ଷ ରାଜ୍ୟ ସରକାରଙ୍କ ପକ୍ଷରୁ ୧୫୦ରୁ ୨୦୦ ଏମ୍‌ବିବିଏସ୍ ସିଟ୍ ବୃଦ୍ଧି ପାଇଁ ଲକ୍ଷ୍ୟ ରହିଛି। ଏହି କ୍ରମରେ ୨୦୨୬-୨୭ ବର୍ଷରେ ବୁର୍ଲାସ୍ଥିତ ଭିମ୍‌ସାରକୁ ୫୦ ସିଟ୍ ଅଧିକ ମିଳିଥିବାବେଳେ ଜାତୀୟ ଭେଷଜ ପରିଷଦ(ଏନ୍‌ଏମ୍‌ସି)ର ପ୍ରକ୍ରିୟା ଭିତରେ ଅବଶିଷ୍ଟ ୧୫୦ ସିଟ୍ ରହିଛି। ସେଥିମଧ୍ୟରେ ଯାଜପୁର ମେଡିକାଲ କଲେଜ ପାଇଁ ଅତିରିକ୍ତ ୫୦ ସିଟ୍, ଏସ୍‌ଏଲ୍‌ଏନ୍ ମେଡିକାଲ କଲେଜ-କୋରାପୁଟ ଏବଂ ପିଆର୍‌ଏମ୍ ମେଡିକାଲ କଲେଜ ବାରିପଦା ଲାଗି ୨୫ ଲେଖାଏ ସିଟ୍ ବଢ଼ିବାକୁ ଆଶା ରହିଛି। ଏହାବାଦ୍ କର୍ମଚାରୀ ରାଜ୍ୟ ବୀମା ନିଗମ (ଇଏସ୍‌ଆଇସି) ମେଡିକାଲ କଲେଜ ହସ୍ପିଟାଲରେ ପ୍ରଥମକରି ୫୦ ସିଟ୍‌ରେ ନାମଲେଖା ପାଇଁ ଲକ୍ଷ୍ୟ ରହିଛି।

ମହାଲିଙ୍ଗ ଆହୁରି କହିଛନ୍ତି, ରାଜ୍ୟ ସରକାରଙ୍କ ପକ୍ଷରୁ କେବଳ ଯେ ଡାକ୍ତର ସୃଷ୍ଟିକୁ ଗୁରୁତ୍ୱ ଦିଆଯାଉଛି ତାହା ନୁହେଁ, ସୁପର ସ୍ପେଶାଲିଷ୍ଟ ଡାକ୍ତରଙ୍କ ଅଭାବକୁ ଦୃଷ୍ଟିରେ ରଖି ୧୫୨ଟି ନୂତନ ପଦବୀ ସୃଷ୍ଟି କରାଯାଇଛି। ଏହାବାଦ୍ ରାଜ୍ୟରେ ଖାଲିପଡ଼ିଥିବା ଡାକ୍ତର ପଦ ପୂରଣ ପାଇଁ ଗୁରୁତ୍ୱ ଦିଆଯାଉଛି। ଏହାକୁ ନେଇ ଓଡ଼ିଶା ଲୋକସେବା ଆୟୋଗକୁ ବିଭାଗ ପକ୍ଷରୁ ୫,୨୦୦ ପଦ ପୂରଣ ନିମନ୍ତେ ଇଣ୍ଡେଣ୍ଟ ଦିଆଯାଇଛି। ଇତିମଧ୍ୟରେ ୧୮୦୦ ଡାକ୍ତର ଆସିଛନ୍ତି। ଅବଶିଷ୍ଟ ଡାକ୍ତର ପଦ ପୂରଣ ପାଇଁ ପ୍ରକ୍ରିୟା ତ୍ୱରାନ୍ୱିତ କରାଯାଉଛି।

ମନ୍ତ୍ରୀଙ୍କ ସୂଚନା ଅନୁଯାୟୀ, କଟକସ୍ଥିତ ଏସ୍‌ସିବି ମେଡିକାଲ କଲେଜରେ ୨୫୦ ଏମ୍‌ବିବିଏସ୍ ସିଟ୍ ରହିଥିବାବେଳେ ଭିମ୍‌ସାରରେ ୨୦୦, ଏମ୍‌କେସିଜିରେ ୨୫୦, କୋରାପୁଟସ୍ଥିତ ଏସ୍‌ଏଲ୍‌ଏନ୍ ମେଡିକାଲ କଲେଜ ଓ ହସ୍ପିଟାଲରେ ୧୨୫, ବାରିପଦାସ୍ଥିତ ପିଆର୍‌ଏମ୍ ମେଡିକାଲ କଲେଜ ଓ ହସ୍ପିଟାଲରେ ୧୨୫, ବିବି ମେଡିକାଲ କଲେଜ ଓ ହସ୍ପିଟାଲ ବଲାଙ୍ଗୀରରେ ୧୦୦, ଏଫ୍‌ଏମ୍ ମେଡିକାଲ କଲେଜ ଓ ହସ୍ପିଟାଲ ବାଲେଶ୍ୱରରେ ୧୦୦, ଏସ୍‌ଜେ ମେଡିକାଲ କଲେଜ ଓ ହସ୍ପିଟାଲ ପୁରୀରେ ୧୦୦ ସିଟ୍ ରହିଛି। ସେହିପରି ସୁନ୍ଦରଗଡ଼, କେନ୍ଦୁଝର, କଳାହାଣ୍ଡି, ଅନୁଗୋଳ ଓ କନ୍ଧମାଳସ୍ଥିତ ମେଡିକାଲ କଲେଜରେ ୧୦୦ ଲେଖାଏ ସିଟ୍ ରହିଥିବାବେଳେ ଯାଜପୁରସ୍ଥିତ ଏମ୍‌ଜେକେଏମ୍ ସିଏଚ୍‌ରେ ୫୦ ଏମ୍‌ବିବିଏସ୍ ସିଟ୍ ରହିଛି।

## ମୁଖ୍ୟମନ୍ତ୍ରୀଙ୍କ ୩ ଦିନିଆ ନୂଆଦିଲ୍ଲୀ ଗସ୍ତ



ଭୁବନେଶ୍ୱର,୬।୮(ନି.ପ୍ର): ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗୁରୁବାରଠାରୁ ୩ଦିନିଆ ନୂଆଦିଲ୍ଲୀ ଗସ୍ତରେ ଯିବେ। ଓଡ଼ିଶା ଫୁଡ୍ ପ୍ରୋସେସିଂ -୨୦୨୬ ଆଣ୍ଡ ଇନ୍‌ଭେଷ୍ଟର ରୋଡ୍ ଶୋ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ଯୋଗଦେବେ। ଆସନ୍ତା ୭ ଏବଂ ୮ ତାରିଖରେ ବିଭିନ୍ନ ସଂସ୍ଥା ସହ ଏକାଧିକ ବୈଠକ ଅନୁଷ୍ଠିତ ହେବ। ଆଲୁମିନିୟମରୁ କିପରି ବିଭିନ୍ନ ଉତ୍ପାଦ ପ୍ରସ୍ତୁତ ହେବ। ସେହିପରି ବିଭିନ୍ନ ଡାଉନ ଷ୍ଟ୍ରିମ୍ କମ୍ପାନୀ ସହ ଏହି ରୋଡ୍ ଶୋ'ରେ ଆଲୋଚନା କରିବା କାର୍ଯ୍ୟକ୍ରମ ରହିଛି। ରାଜ୍ୟରେ କିପରି ଅଧିକରୁ ଅଧିକ ଡାଉନ ଷ୍ଟ୍ରିମ୍ କମ୍ପାନୀ ନିବେଶ କରିବେ ସେଦିଗରେ ସରକାର ଅଧିକ ଗୁରୁତ୍ୱ ଦେବା ଆରମ୍ଭ କରିଛନ୍ତି। ବିଭିନ୍ନ ଫୁଡ୍ ପ୍ରୋସେସିଂ କମ୍ପାନୀ ସହ ମଧ୍ୟ ମୁଖ୍ୟମନ୍ତ୍ରୀ ଆଲୋଚନା କରିବା କାର୍ଯ୍ୟକ୍ରମ ରହିଛି। ଏହି ଗସ୍ତ ଅବସରରେ ମୁଖ୍ୟମନ୍ତ୍ରୀଙ୍କ ସହ ଶିଳ୍ପ ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ, ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ, ଶିଳ୍ପ ସଚିବ ହେମନ୍ତ ଶର୍ମା ଏବଂ ଅନ୍ୟ କେତେଜଣ ବରିଷ୍ଠ ଅଧିକାରୀଙ୍କ ଗସ୍ତ କରିବା କାର୍ଯ୍ୟକ୍ରମ ରହିଛି। ୮ ତାରିଖରେ ମୁଖ୍ୟମନ୍ତ୍ରୀ ଓଡ଼ିଶା ଫେରିବା କାର୍ଯ୍ୟକ୍ରମ ରହିଛି। କୌଣସି କାରଣ ବଶତଃ ଯଦି ବିଳମ୍ବ ହୁଏ ତେବେ ମୁଖ୍ୟମନ୍ତ୍ରୀ ଏହାର ପରଦିନ ଅର୍ଥାତ୍ ୯ ତାରିଖ ସକାଳୁ ଫେରିପାରନ୍ତି।

## ଆୟୁଷ୍ମାନ୍ କାର୍ଡରେ କ୍ୟାନ୍‌ସର ଚିକିତ୍ସା ପାଇଁ ଆଉ ୯୧ ପ୍ୟାକେଜ ସାମିଲ

ଭୁବନେଶ୍ୱର,୬।୮(ନି.ପ୍ର): ରାଜ୍ୟର କର୍କଟ ରୋଗୀଙ୍କୁ ଅଧିକ ଉନ୍ନତମାନର ଦେୟମୁକ୍ତ ଚିକିତ୍ସା ସୁବିଧା ଯୋଗାଇବା ଉଦ୍ଦେଶ୍ୟରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କ୍ୟାନ୍‌ସର କେୟାର ଅଭିଯାନ ଅଧୀନରେ ଆଉ ୯୧ଟି ସ୍ୱତନ୍ତ୍ର କ୍ୟାନ୍‌ସର ଚିକିତ୍ସା ପ୍ୟାକେଜକୁ ଆୟୁଷ୍ମାନ ଭାରତ ପ୍ରଧାନମନ୍ତ୍ରୀ ଜନ ଆରୋଗ୍ୟ ଯୋଜନା (ଏବିପିଏମ୍‌ଜେଏୱାଇ)-ଗୋପବନ୍ଧୁ ଜନଆରୋଗ୍ୟ ଯୋଜନା (ଜିଜେଏୱାଇ)ରେ ସାମିଲ କରିଛନ୍ତି। ଫଳରେ ଆୟୁଷ୍ମାନ୍ କାର୍ଡରେ ମୋଟ ଚିକିତ୍ସା ପ୍ୟାକେଜ ସଂଖ୍ୟା ୨୨୫୪ରେ ପହଞ୍ଚିଛି।

ଏ ସମ୍ପର୍କରେ ସୂଚନା ଦେଇ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ କହିଛନ୍ତି, କ୍ୟାନ୍‌ସର ରୋଗୀମାନେ ଆଉ ଆର୍ଥିକ ଚାପରେ ଚିକିତ୍ସାରୁ ବଞ୍ଚିତ ହେବେ ନାହିଁ। ରାଜ୍ୟ ସରକାରଙ୍କ ଉଦ୍ୟମରେ ସେମାନଙ୍କୁ ଦେୟମୁକ୍ତ ସୁପର ସ୍ପେଶାଲିଟି ଚିକିତ୍ସା ଉପଲବ୍ଧ କରାଯିବ। ଏଥିପାଇଁ ୨୦୨୬-୨୭ ବଜେଟରେ ୩୧୧ କୋଟି ଟଙ୍କାର ପ୍ରାବଧାନ କରାଯାଇଥିବାବେଳେ ସଚେତନତା, ମୋବାଇଲ କ୍ୟାମ୍ପ, ଡିଜିଟାଲ ହବ୍-ଆଣ୍ଡ-ସ୍ପୋକ୍ ମଡେଲ ଓ ମାଗଣା ଯାତାୟାତ ସୁବିଧା ପାଇଁ ଏହି ଅର୍ଥ ବ୍ୟୟ କରାଯିବ। ଜାତୀୟ ସ୍ୱାସ୍ଥ୍ୟ ପ୍ରାଧିକରଣ (ଏନ୍‌ଏଚ୍‌ଏ) ନୂତନ ୯୧ଟି କ୍ୟାନ୍‌ସର ପ୍ୟାକେଜକୁ ଅନୁମୋଦନ କରିବା ପରେ ରାଜ୍ୟର ସମସ୍ତ ତାଲିକାଭୁକ୍ତ ହସ୍ପିଟାଲରେ ଏହି ପ୍ୟାକେଜ ଅନୁଯାୟୀ ଦେୟମୁକ୍ତ ଚିକିତ୍ସା ସେବା ଆରମ୍ଭ ହୋଇଛି।

ଇତିମଧ୍ୟରେ ଯାଜପୁରର ଆର୍ଯ୍ୟଭାନୁ ମହାନ୍ତି ଓ ଭଦ୍ରକର ଜ୍ୟୋତ୍ସ୍ନାରାଣୀ ମହାନ୍ତି ଏହି ଯୋଜନାରେ ସଫଳ ଅସ୍ତ୍ରୋପଚାର କରାଇ ସୁସ୍ଥତା ଆଡ଼କୁ ଅଗ୍ରସର ହୋଇଥିବାବେଳେ ସରକାରଙ୍କ ଏହି ପଦକ୍ଷେପକୁ ସେମାନେ ପ୍ରଶଂସା କରିଛନ୍ତି। ଏହି ଯୋଜନା ନ ଥିଲେ ଏତେ ବ୍ୟୟବହୁଳ ଚିକିତ୍ସା କରାଇବା ସେମାନଙ୍କ ପକ୍ଷରେ ସମ୍ଭବ ହୋଇ ନ ଥାନ୍ତା। ସରକାରଙ୍କ ଏହି ଜନହିତକର ପଦକ୍ଷେପ ସେମାନଙ୍କୁ ଏକ ନୂଆ ଜୀବନ ଦେଇଛି।

## ଘର ଭାଙ୍ଗିଲେ ହାତୀପଲ, ପରିବାରର ୪ ଗୁରୁତର

ବଲାଙ୍ଗୀର,୬।୮(ନି.ପ୍ର): ବଲାଙ୍ଗୀର ଜିଲା ମୁରିବାହାଲ ରେଞ୍ଜ ଅନ୍ତର୍ଗତ ସରଗୁଲ ଗାଁରେ ଏବେ ହାତୀ ଆତଙ୍କ ଦେଖାଦେଇଛି। ଗାଁରେ ଏକ ପରିବାର ଘର ଭିତରେ ଶୋଇଥିବା ବେଳେ ୧୫ ଟିକିଆ ହାତୀପଲ ଗାଁ ଭିତରକୁ ପଶି ଆସି ଘର ଭାଙ୍ଗି ଉତ୍ପାତ ଆରମ୍ଭ କରିଛନ୍ତି। ହାତୀପଲ ଘର ଭାଙ୍ଗିଦେବାରୁ ଘର କାନ୍ଥ ପଡ଼ି ପରିବାରର ୪ ଜଣ ଗୁରୁତର ହୋଇ ବଲାଙ୍ଗୀର ଭୀମ ଭୋଇ ମେଡିକାଲ କଲେଜ ହସ୍ପିଟାଲରେ ଭର୍ତ୍ତି ହୋଇଥିବା ଜଣାପଡ଼ିଛି।ସୂଚନାଯୋଗ୍ୟ, ସରଗୁଲ ଗାଁର ଲିଙ୍ଗରାଜ ଭୋଇ। ଗତକାଲି ରାତିରେ ଖାଇ ସାରି ଘରେ ଭିତରେ ଶୋଇଥିଲେ। ପାଟଣାଗଡ଼ ଟିକ୍ରାପଡ଼ା ଜଙ୍ଗଲ ପଟରୁ ହଠାତ୍ ମାଡ଼ି ଆସିଥିଲେ ହାତୀପଲ ଲିଙ୍ଗରାଜଙ୍କ ଘର ଉପରେ ଆକ୍ରମଣ କରି ଘରଭାଙ୍ଗି ଦେବାରୁ ଲିଙ୍ଗରାଜ ତାଙ୍କ ସ୍ତ୍ରୀ ଓ ଦୁଇ ଛୁଆ ଉପରେ କାନ୍ଥ ପଡ଼ିଯାଇଥିଲା। ସେମାନେ କାନ୍ଥ ଭିତରେ ରହିଯିବାରୁ ଗୁରୁତର ହୋଇପଡ଼ିଥିଲେ। ତୁରନ୍ତ ପ୍ରଥମେ ସେମାନଙ୍କୁ ପଟଣାଗଡ଼ ହସ୍ପିଟାଲରେ ଭର୍ତ୍ତି କରଯାଇଥିଲା। ଅବସ୍ଥା ଗୁରୁତର ହେବାରୁ ବଲାଙ୍ଗୀର ମେଡିକାଲକୁ ଅଣାଯାଇ ଚିକିତ୍ସା କରିଥିବା ଜଣାପଡ଼ିଛି। ପରିବାରର ୪ ଜଣଙ୍କ ମଧ୍ୟରୁ ଲିଙ୍ଗରାଜ ଭୋଇ ଓ ତାଙ୍କ ପୁଅ ଦୁଇ ଜଣ ଗୁରୁତର ଥିବା ବେଳେ ଅନ୍ୟ ଦୁଇ ଜଣଙ୍କ ସ୍ତ୍ରୀ ସୁମିତ୍ରା



ଭୋଇ ଓ ଝିଅ ଅବସ୍ଥା ଠିକ୍ ଥିବା ଜଣାପଡ଼ିଛି। ଗତ ୨ ବର୍ଷ ହେଲା ମୁରିବାହାଲ ରେଞ୍ଜ ଅଞ୍ଚଳରେ ହାତୀ ଆତଙ୍କ ଦେଖିବାକୁ ମିଳିଛି। ହାତୀ ଆକ୍ରମଣରେ ପୂର୍ବରୁ ଜଣେ ବନ କର୍ମଚାରୀ ଓ ଜଣେ ଚାଷୀଙ୍କ ମୃତ୍ୟୁ ହୋଇଥିଲା।

## ଆସାରାମଙ୍କୁ ମିଳିଲାନି ଆଶ୍ୱସ୍ତି

ନୂଆଦିଲ୍ଲୀ,୬।୮: ସୁପ୍ରିମ୍ କୋର୍ଟ ରେପ୍ ଅଭିଯୁକ୍ତ କଥାବାଚକ ଆସାରାମଙ୍କୁ ଅନ୍ତରୀଣ ଆଶ୍ୱସ୍ତି ଦେବାକୁ ମନା କରିଦେଇଛନ୍ତି। ସର୍ବୋଚ୍ଚ ଅଦାଲତ କହିଛନ୍ତି ଯେ ଆମେ ମେଡିକାଲ୍ ରିପୋର୍ଟ ଆଧାରରେ ହିଁ ଆଗକୁ ବଢ଼ିବୁ।ସୁପ୍ରିମ୍ କୋର୍ଟ ୨୦୧୩ ଦୁଷ୍କର୍ମ ମାମଲାରେ ଦଣ୍ଡ ଭୋଗୁଥିବା ପ୍ରବଚକ ଆସାରାମଙ୍କୁ ଅନ୍ତରୀଣ ଆଶ୍ୱସ୍ତି ଦେବାକୁ ମନା କରିଛନ୍ତି। ଜଷ୍ଟିସ୍ ଏମ୍.ଏମ୍. ସୁନ୍ଦରେଶ ଏବଂ ଜଷ୍ଟିସ୍ ପି.ବି. ୱରାଲେଙ୍କ ବେଞ୍ଚ ଇଓଓଗଝ ର ରିପୋର୍ଟ ଆଧାରରେ ବର୍ତ୍ତମାନ ପାଇଁ ଅନ୍ତରୀଣ ଆଶ୍ୱସ୍ତି ଦେବାକୁ ମନା କରିଛନ୍ତି, ଯେଉଁଥିରେ କୁହାଯାଇଛି ଯେ ଆସାରାମଙ୍କୁ ହସ୍ପିଟାଲରେ ଭର୍ତ୍ତି ହେବାର ଆବଶ୍ୟକତା ନାହିଁ, କିନ୍ତୁ ତାଙ୍କୁ ୨୪ ଘଣ୍ଟା ତାଲିମପ୍ରାପ୍ତ କେୟାରଗିଭର (ସେବାକାରୀ)ଙ୍କ ସହାୟତା ଆବଶ୍ୟକ।

### ଜୁନିୟର କର୍ମଚାରୀଙ୍କୁ ଲିଫ୍ଟ ଭିତରେ କରିଥିଲେ ଦୁଷ୍କର୍ମ

## ତେଜପାଲଙ୍କୁ ମିଳିଲା ୧୦ ବର୍ଷର ସଶ୍ରମ କାରାଦଣ୍ଡ

ନୂଆଦିଲ୍ଲୀ : ଦେଶର ଅନ୍ୟତମ ପ୍ରତିଷ୍ଠିତ ମାଗାଜିନ ତେହେଲକାର ପୂର୍ବତନ ସମ୍ପାଦକ ତରୁଣ ତେଜପାଲଙ୍କୁ ୧୦ ବର୍ଷର ସଶ୍ରମ କାରାଦଣ୍ଡ। ୨୦୧୩ ଦୁଷ୍କର୍ମ ମାମଲାରେ ବମ୍ବେ ହାଇକୋର୍ଟ ତାଙ୍କୁ ଦୋଷୀ ସାବ୍ୟସ୍ତ କରିବା ସହ ଏପରି ଜେଲଦଣ୍ଡରେ ଦଣ୍ଡିତ କରିଛନ୍ତି। ଏଥିସହ ତାଙ୍କ ଉପରେ ୫ ଲକ୍ଷ ଟଙ୍କାର ଜୋରିମାନା ମଧ୍ୟ ଲାଗୁ କରାଯାଇଛି। ଏହି ଜୋରିମାନା ଅର୍ଥ ପୀଡିତାଙ୍କୁ ପ୍ରଦାନ କରାଯିବ ବୋଲି କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି।



ପୂରା ଘଟଣା ୨୦୧୩ ନଭେମ୍ବର ମାସରେ ଘଟିଥିଲା। ତେହେଲକା ପତ୍ରିକାର ଜଣେ ମହିଳା କର୍ମଚାରୀଙ୍କୁ ଲିଫ୍ଟ ଭିତରେ ତରୁଣ ତେଜପାଲ ଦୁଷ୍କର୍ମ କରିଥିବା ଅଭିଯୋଗ ହୋଇଥିଲା। ଗୋଆର ଗୋଟିଏ ରିସର୍ଟରେ ଆୟୋଜିତ ସଂସ୍ଥାର ବାର୍ଷିକ 'ଥିଙ୍କଫେଷ୍ଟ' କାର୍ଯ୍ୟକ୍ରମ ସମୟରେ ଲିଫ୍ଟ ଭିତରେ ତାଙ୍କ ସହ ତରୁଣ ଏପରି ଜଘନ୍ୟକାଣ୍ଡ ଘଟିଥିଲା ବୋଲି ଅଭିଯୋଗ ହୋଇଥିଲା।ଏହି ଘଟଣାରେ ପ୍ରଥମେ ୨୦୨୧ରେ ଗୋଆର ଗୋଟିଏ ଟ୍ରାଏଲ କୋର୍ଟ ତେଜପାଲଙ୍କୁ ଦୋଷମୁକ୍ତ କରିଥିଲେ। କିନ୍ତୁ ଆଜି ବମ୍ବେ ହାଇକୋର୍ଟର ବିଚାରପତି ଜଷ୍ଟିସ ଡ ନୀଲା ଗୋଖଲେ ଓ ଜଷ୍ଟିସ ଅମିତ ଜାମସାଣ୍ଡେକରଙ୍କ ଖଣ୍ଡପୀଠ ଆଇପିସିର ଧାରା ୩୭୬(୨)(ଏଫ୍), ୩୭୬(୨)(କେ), ୩୫୪ଏ ଓ ୩୫୪ବି ଅନୁଯାୟୀ ତରୁଣ ତେଜପାଲଙ୍କୁ ଦୁଷ୍କର୍ମ ଓ ଯୌନ ଉତ୍ପୀଡ଼ନ ଅପରାଧରେ ଦୋଷୀ ସାବ୍ୟସ୍ତ କରିଛନ୍ତି।ତାଙ୍କୁ ୧୦ ବର୍ଷର ସଶ୍ରମ କାରଦାଣ୍ଡ ମିଳିଥିବା ବେଳେ ପୁଲିସ୍ ନିକଟରେ ଆତ୍ମସମର୍ପଣ ପାଇଁ କୋର୍ଟ ୨ ସପ୍ତାହର ସମୟ ଦେଇଛି। ଏହାର ଅର୍ଥ ତେଜପାଲ ଏହି ସମୟରେ ହାଇକୋର୍ଟଙ୍କ ରାୟକୁ ସଂଶୋଧନ ପାଇଁ ସୁପ୍ରିମକୋର୍ଟରେ ଆବେଦନ କରିପାରିବେ। ତେହେଲକାର ପୂର୍ବତନ ସମ୍ପାଦକ ତରୁଣ ତେଜପାଲଙ୍କୁ ଆଇପିସିର ଧାରା ୩୭୬(୨)(ଏଫ୍), ଧାରା ୩୫୪(ଏ) (ଯୌନ ଉତ୍ପୀଡ଼ନ) ଓ ଧାରା ୩୫୪(ବି) (ଜଣେ ମହିଳାଙ୍କୁ ନିର୍ବସ୍ତ୍ର କରିବା ଉଦ୍ଦେଶ୍ୟରେ ବଳପ୍ରୟୋଗ) ଅନୁଯାୟୀ ଦୋଷୀ ସାବ୍ୟସ୍ତ କରାଯାଇଛି। ଧାରା ୩୭୬ ଅନୁଯାୟୀ ତେଜପାଲଙ୍କୁ ସର୍ବନିମ୍ନ ୧୦ ବର୍ଷର କାରାଦଣ୍ଡରୁ ଆରମ୍ଭ କରି ଆଜୀବନ କାରାଦଣ୍ଡ ପର୍ଯ୍ୟନ୍ତ ଶାସ୍ତି ହେବାର ପ୍ରାବଧାନ ରହିଥିଲା। ସେହି ଅନୁସାରେ କୋର୍ଟ ତାଙ୍କୁ ଦୋଷୀ ସାବ୍ୟସ୍ତ କରିଛନ୍ତି।

## ସାମ୍ବାଦିକଙ୍କ ସ୍ୱାସ୍ଥ୍ୟ ବୀମା ବନ୍ଦ ଉପରେ ଚାଲିଛି ତର୍ଜମା

ଭୁବନେଶ୍ୱର: ସାମ୍ବାଦିକଙ୍କ ପାଇଁ ଉଦ୍ଦିଷ୍ଟ ଗୋପବନ୍ଧୁ ସାମ୍ବାଦିକ ସ୍ୱାସ୍ଥ୍ୟ ବୀମା ଯୋଜନା ବନ୍ଦ ହେବା ଚର୍ଚ୍ଚାରେ ପ୍ରତିକ୍ରିୟା ରଖିଛନ୍ତି ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଡା ମୁକେଶ ମହାଲିଙ୍ଗ । ଏ ନେଇ ତର୍ଜମା ଚାଲିଥିବା ମନ୍ତ୍ରୀ କହିଛନ୍ତି । ଗୋପବନ୍ଧୁ ସାମ୍ବାଦିକ ସ୍ୱାସ୍ଥ୍ୟ ବୀମା ଯୋଜନା କେନ୍ଦ୍ର ସରକାରଙ୍କ ଆୟୁଷ୍ମାନ ଯୋଜନାରେ ଅନ୍ତର୍ଭୁକ୍ତ କରିବାକୁ ସରକାର ଯୋଜନା କରୁଥିବା ଚର୍ଚ୍ଚା ହେଉଛି । ଯାହାକୁ ନେଇ ସାମ୍ବାଦିକଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ବୃଦ୍ଧି ପାଇଛି । ଏ ନେଇ ସ୍ୱାସ୍ଥ୍ୟ ବିଭାଗ ଓ ସୂଚନା ଓ ଲୋକ ସମ୍ପର୍କ ବିଭାଗ ମଧ୍ୟରେ ବୈଠକ ହୋଇଛି । ମନ୍ତ୍ରୀ କହିଛନ୍ତି ଯେ ସାମ୍ବାଦିକଙ୍କ ସ୍ୱାସ୍ଥ୍ୟକୁ ନେଇ ସରକାର ଦାୟିତ୍ୱବାନ ଅଛନ୍ତି । ଯଦି ସାମ୍ବାଦିକମାନେ ଆୟୁଷ୍ମାନରେ ସାମିଲ ନହେବା ପାଇଁ ମନା କରୁଛନ୍ତି ତେବେ ସରକାର ଏହାର ତର୍ଜମା କରିବେ । ଉଲ୍ଲେଖ ଯୋଗ୍ୟ, ୨୦୧୮ ମସିହାରେ ଗୋପବନ୍ଧୁ ସାମ୍ବାଦିକ ସ୍ୱାସ୍ଥ୍ୟ ବୀମା ଯୋଜନା ଆରମ୍ଭ ହୋଇଥିଲା ।

### ୨୭ ନବମ ଶ୍ରେଣୀ ଛାତ୍ରଙ୍କୁ ଅମାନବିକ ମାଡ଼ ଘଟଣାରେ କଠୋର ଆକ୍ସନ୍

## ୭ ଜଣ ଛାତ୍ର ବହିଷ୍କୃତ, ପ୍ରଧାନ ଶିକ୍ଷକଙ୍କୁ ଶୋକଜ୍ ନୋଟିସ

ରାୟଗଡ଼ା: ରାୟଗଡ଼ା ଜିଲ୍ଲାର କୋଲନରା ଏସଏସଡି ହଷ୍ଟେଲରେ ଘଟିଥିବା ଲୋମହର୍ଷଣକାରୀ ରାଗିଂ ଘଟଣାରେ ଜିଲ୍ଲା ପ୍ରଶାସନ କଡ଼ା କାର୍ଯ୍ୟାନୁଷ୍ଠାନ ନେଇଛି। ଘଟଣାରେ ସମ୍ପୃକ୍ତ ୭ ଜଣ ଦଶମ ଶ୍ରେଣୀ ଛାତ୍ରଙ୍କୁ ବିଦ୍ୟାଳୟରୁ ବହିଷ୍କାର କରାଯାଇଥିବାବେଳେ ପ୍ରଧାନ ଶିକ୍ଷକଙ୍କୁ ଶୋକଜ୍ ନୋଟିସ ଜାରି କରାଯାଇଛି।



ଘଟଣା ପରେ କୋଲନରା ବିଡିଓ ରୀନା ପ୍ରଧାନ ବିଦ୍ୟାଳୟରେ ପହଞ୍ଚି ସ୍ଥିତିର ସମୀକ୍ଷା କରିଥିଲେ। ତାଙ୍କ ରିପୋର୍ଟ ଆଧାରରେ ଜିଲ୍ଲା ପ୍ରଶାସନ ଏହି କଠୋର ପଦକ୍ଷେପ ନେଇଛି। ସେପଟେ ପୋଲିସ ମଧ୍ୟ ସ୍କୁଲରେ ପହଞ୍ଚି ଛାତ୍ରଛାତ୍ରୀଙ୍କ କାଉନସେଲିଂ କରିବା ସହ ଘଟଣାର ସମସ୍ତ ଦିଗରେ ତଦନ୍ତ ଚଳାଇଛି।ସୂଚନା ଅନୁସାରେ, ରବିବାର ରାତିରେ ହଷ୍ଟେଲ ପରିସରରେ ଏହି ଘଟଣା ଘଟିଥିଲା। ନବମ ଶ୍ରେଣୀର କିଛି ଛାତ୍ର ଜଣେ ଦଶମ ଶ୍ରେଣୀର ଛାତ୍ରଙ୍କ ବିରୋଧରେ ଶିକ୍ଷକଙ୍କ ନିକଟରେ ଅଭିଯୋଗ କରିଥିଲେ। ଶିକ୍ଷକଙ୍କ ତାଗିଦ ପରେ ସମ୍ପୃକ୍ତ ଛାତ୍ର ଉତ୍ତେଜିତ ହୋଇ ନିଜର କିଛି ସହପାଠୀଙ୍କ ସହ ମିଶି ନବମ ଶ୍ରେଣୀର ୨୭ ଜଣ ଅନ୍ତେବାସୀ ଛାତ୍ରଙ୍କୁ ଅମାନବିକ ଭାବେ ପ୍ରହାର କରିଥିବା ଅଭିଯୋଗ ହୋଇଛି।ସାମ୍ନାକୁ ଆସିଥିବା ଭାଇରାଲ୍ ଭିଡିଓରେ ଜଣେ ପରେ ଜଣେ ଛାତ୍ରଙ୍କୁ ନିସ୍ତୁକ ମାଡ଼ ମାରାଯାଉଥିବା ଏବଂ ପିଲାମାନେ କୌଣସି ପ୍ରତିବାଦ ନକରି ନିଜ ଆସନକୁ ଫେରିଯାଉଥିବା ଦୃଶ୍ୟ ଦେଖି ସମସ୍ତେ ସ୍ତବ୍ଧ ହୋଇପଡ଼ିଥିଲେ। ଏହି ଭିଡିଓ ସୋସିଆଲ୍ ମିଡିଆରେ ଭାଇରାଲ୍ ହେବା ପରେ ଘଟଣାକୁ ନେଇ ରାଜ୍ୟବ୍ୟାପୀ ଚର୍ଚ୍ଚା ଆରମ୍ଭ ହୋଇଥିଲା।ଘଟଣାକୁ ଜିଲ୍ଲା ପ୍ରଶାସନ ଗୁରୁତ୍ୱର ସହ ନେଇଥିବାବେଳେ ଦୋଷୀଙ୍କ ବିରୋଧରେ ଆହୁରି ଆବଶ୍ୟକ ପଦକ୍ଷେପ ନିଆଯିବ ବୋଲି ସୂଚନା ମିଳିଛି। ଏହାସହ ହଷ୍ଟେଲଗୁଡ଼ିକରେ ରାଗିଂ ରୋକିବା ପାଇଁ କଡ଼ା ନଜରଦାରି ଏବଂ ସଚେତନତା କାର୍ଯ୍ୟକ୍ରମ ଜୋରଦାର କରିବାକୁ ପ୍ରଶାସନ ପ୍ରସ୍ତୁତି ଆରମ୍ଭ କରିଛି।

### ଡାହୁକ



ଜନତାଙ୍କ ସ୍ୱାର୍ଥ ମନ୍ଦତି ମଞ୍ଜି
ସରବ ଗିଳାଏ ଯେମିତି ଝିଙ୍କି
କହୁଛନ୍ତି ଦେଶ ଖୋକ
ଦଣ୍ଡା ଦେଇ ଥଣ୍ଡା କରିବାକୁ ହେଲେ
ପଢ଼ିବ ମିସିଛି ଲଢ଼
-ବିଧୁ

## ବିପର୍ଯ୍ୟୟ ମୁକାବିଲା ପାଇଁ ଅତ୍ୟାଧୁନିକ ରୂପ ନେବ ଟାୱାର

### ତାଳ ଗଛ ପାଇଁ ୩୫ କୋଟି

ଭୁବନେଶ୍ୱର,୬।୮(ନି.ପ୍ର.): ରାଜ୍ୟ ଏବଂ ରାଜ୍ୟବାସୀଙ୍କୁ ପ୍ରାକୃତିକ ଦୁର୍ବିପାକରୁ ରକ୍ଷା କରିବାକୁ ସରକାର ମାଷ୍ଟରପ୍ଲାନ ପ୍ରସ୍ତୁତ କରୁଛନ୍ତି । ସେଥିପାଇଁ ଉପକୂଳରେ ହାଇଟେକ୍ ଟାୱାର ସ୍ଥାପନ କରିବା ସହିତ ବଜ୍ରପାତରୁ ରକ୍ଷା ପାଇବା ପାଇଁ ତାଳ ଗଛ । ଏ ନେଇ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ ସୂଚନା ଦେଇଛନ୍ତି ।

ଓଡ଼ିଶାରେ ଥିବା ୫୭୩ କିଲୋମିଟର ସୁଦୀର୍ଘ ବିଶିଷ୍ଟ ସମୁଦ୍ର ବେଳାଭୂମିରେ ପ୍ରାକୃତିକ ବିପର୍ଯ୍ୟୟର ମୁକାବିଲା ପାଇଁ ପ୍ରାକ୍ ସୂଚନା ପ୍ରଦାନ କରୁଥିବା ୧୨୨ଟି ଟାୱାରକୁ ଅତ୍ୟାଧୁନିକ କରାଯିବ । ବିଦ୍ୟମାନ ୪୦ଟି ବଡ଼ ଟାୱାରରେ ସାଇରନ୍ ସିଷ୍ଟମ୍, କ୍ୟାମେରା ଓ ଅତ୍ୟାଧୁନିକ ସେନ୍ସର ଖଞ୍ଜାଯିବ । ଯାହା ଦ୍ୱାରା ବିପର୍ଯ୍ୟୟ ଯଥା ବର୍ଷା, ପବନ ଓ ବାତ୍ୟାର ପୂର୍ବର ସୂଚନା ମିଳିଥାଏ । ରାଜ୍ୟ ସରକାରଙ୍କ ପକ୍ଷରୁ ଅଧିକାରୀମାନେ ଗୋଆ ଏବଂ କେରଳକୁ ଗସ୍ତ କରି ଏକ ରିପୋର୍ଟ ପ୍ରଦାନ କରିଛନ୍ତି ।



ସେହିପରି ଚାଷ ଜମିରେ ବଜ୍ରପାତ ଯୋଗୁଁ ଅନେକ ଚାଷୀ ପ୍ରାଣ ହରାଉଛନ୍ତି । ଏହାର ମୁକାବିଲା କରିବାକୁ ସରକାର ତାଳ ଗଛ ଲଗାଇବାକୁ ଆହ୍ୱାନ କରିଛନ୍ତି । ରାଜସ୍ୱ ବିଭାଗ ପକ୍ଷରୁ ତାଳ ଗଛ ଚାରା ରୋପଣ ପାଇଁ ୩୫ କୋଟି ଟଙ୍କା ପ୍ରଦାନ କରାଯାଇଛି । ଓଡ଼ିଶାରେ ଥିବା ପ୍ରାୟ ୧ କୋଟି ୭୧ ଲକ୍ଷ ଜମି ପଟାରେ ତାଳ ଗଛ ଲଗାଯିବାର ଲକ୍ଷ୍ୟ ରଖାଯାଇଛି । ଜମି ମାଲିକମାନଙ୍କୁ ମାଗଣାରେ ତାଳ ଗଛ ଚାରା ଯୋଗାଇ ଦିଆଯିବ । ଏହାକୁ ଲଗାଇବା ପାଇଁ ଆର୍ଥିକ ସହାୟତା ମଧ୍ୟ ପ୍ରଦାନ କରାଯିବ । ତାଳ ଗଛଗୁଡ଼ିକ ପ୍ରାକୃତିକ ବଜ୍ରପାତ ନିରୋଧକ ଭାବେ କାମ କରୁଥିବାରୁ ଏହା ଚାଷୀମାନଙ୍କୁ ଜମିରେ ସୁରକ୍ଷା ପ୍ରଦାନ କରିବାରେ ସଫଳ ହେବ ଏବଂ ଜୀବନହାନି ହ୍ରାସ ପାଇବ ବୋଲି ରାଜସ୍ୱ ମନ୍ତ୍ରୀ ଆଶାବ୍ୟକ୍ତ କରିଛନ୍ତି ।

## ଜୟଦେବ ବିହାର-ନନ୍ଦନକାନନ ଫ୍ଲାଏଓଭର ପାଇଁ ମାଟି ପରୀକ୍ଷା

ଭୁବନେଶ୍ୱର,୬।୮(ନି.ପ୍ର.): ପ୍ରସ୍ତାବିତ ଜୟଦେବ ବିହାର-ନନ୍ଦନକାନନ ଫ୍ଲାଏଓଭର ପ୍ରକଳ୍ପ ପାଇଁ ମାଟି ପରୀକ୍ଷା କାର୍ଯ୍ୟ ଆରମ୍ଭ ହୋଇଛି। ବୁଧବାର କଳିଙ୍ଗ ହସ୍ପିଟାଲ ଛକରେ ୨ଟି ସ୍ଥାନରେ ଏହାର କାମ ଆରମ୍ଭ ହୋଇଥିବା ବେଳେ ଆଜିଠାରୁ ଆହୁରି ତ୍ୱରାନ୍ୱିତ ହୋଇଛି। ଏହା ସେପ୍ଟେମ୍ବର ୧୯ ତାରିଖ ପର୍ଯ୍ୟନ୍ତ ଏହା ଚାଲିବ।ଏହାକୁ ଦୃଷ୍ଟିରେ ରଖି ଭୁବନେଶ୍ୱର ଟ୍ରାଫିକ ପୁଲିସ ପକ୍ଷରୁ ଏକ ସ୍ୱତନ୍ତ୍ର ଟ୍ରାଫିକ ଆଡଭାଇଜରୀ ଜାରି କରାଯାଇଛି। ମାଟି ପରୀକ୍ଷା ଯୋଗୁ ଆଗାମୀ ଦେଢ଼ ମାସ ଧରି ଏହି ବ୍ୟସ୍ତବହୁଳ ରାସ୍ତାରେ ଯାନବାହନ ଚଳାଚଳ ବାଧାପ୍ରାପ୍ତ ହେବାର ଆଶଙ୍କା ଥିବାରୁ ଯାତ୍ରୀମାନଙ୍କୁ ସତର୍କ କରାଯାଇଛି।

କଳିଙ୍ଗ ଷ୍ଟାଡିୟମର ୭ ଏବଂ ୮ ନମ୍ବର ଗେଟ୍, ପାଲ୍ ହାଇଟ୍ସ ଛକ, କଳିଙ୍ଗ ହସ୍ପିଟାଲ ଛକ, ଡମଣା ଛକ ଏବଂ କିଟ୍ ଛକ ସହିତ ସହରର ୧୮୦ ଟି ସ୍ଥାନରେ ଏହି ମାଟି ପରୀକ୍ଷା ହେବ। ସୂଚନା ଅନୁଯାୟୀ ମାଟି ପରୀକ୍ଷା ପ୍ରକ୍ରିୟା ସମୟରେ ରାସ୍ତାର କିଛି ଅଂଶକୁ ଅସ୍ଥାୟୀ ଭାବରେ ଅବରୋଧ କରାଯିବ । ଏହାର ଫଳସ୍ୱରୂପ ଟ୍ରାଫିକ ସମସ୍ୟା ହେବା ସହ ପ୍ରବଳ ଭିଡ଼ ହେବାର ସମ୍ଭାବନା ରହିଛି। ସମ୍ଭାବ୍ୟ ଟ୍ରାଫିକ ସମସ୍ୟାକୁ ଦୃଷ୍ଟିରେ ରଖି ଯାତ୍ରୀମାନଙ୍କୁ ଯଥାସମ୍ଭବ ଏହି ରାସ୍ତାକୁ ଏଡ଼ାଇବାକୁ ଏବଂ ଯାତ୍ରା ସମୟ କମାଇବା ପାଇଁ



ବିକଳ୍ପ ରାସ୍ତା ବ୍ୟବହାର କରିବାକୁ ପରାମର୍ଶ ଦିଆଯାଇଛି। ଏହି ମାଟି ପରୀକ୍ଷା କାର୍ଯ୍ୟ ଶେଷ ନହେବା ପର୍ଯ୍ୟନ୍ତ ନିଜର ଯାତ୍ରା ପାଇଁ ପୂର୍ବରୁ ଯୋଜନା କରିବାକୁ ଟ୍ରାଫିକ ପୁଲିସ ଜନତାଙ୍କୁ ଅନୁରୋଧ କରିଛି। ଏହା ସହିତ ରାସ୍ତାରେ ନିୟୋଜିତ ଥିବା ଟ୍ରାଫିକ କର୍ମଚାରୀଙ୍କୁ ସହଯୋଗ କରିବା ନିବେଦନ କରାଯାଇଛି।



# କୋଶଳାରେ ସାପକାମୁଡା ପ୍ରତିରୋଧ ସଚେତନତା କର୍ମଶାଳା ଅନୁଷ୍ଠିତ




ଛେଣ୍ଡିପଦା,୬।୮ :(ମନ୍ଥନ) ରାଜ୍ୟରେ ସାପକାମୁଡା ଜନିତ ମୃତ୍ୟୁ ଏକ ବଡ ପ୍ରାକୃତିକ ବିପର୍ଯ୍ୟୟ ରୂପେ ଉଭା ହୋଇଛି। ସଚେତନତାର ଅଭାବ ଯୋଗୁଁ ପ୍ରତ୍ୟେକ ଦିନ ସାପକାମୁଡାରେ ରାଜ୍ୟର ଅନେକ ଲୋକ ମୃତ୍ୟୁବରଣ କରୁଛନ୍ତି । ଅନ୍ଧବିଶ୍ୱାସ ଓ ପୁରୁଣା ଲୋକକଥାର ବଶବର୍ତ୍ତୀ ହୋଇ ଗୁଣିଆ ଓ ତାନ୍ତ୍ରିକକୁ ଭରସା କରି ଅକାରଣରେ ମୂଲ୍ୟବାନ ଜୀବନ ଝଡି ପଡୁଛି । ସଚେତନତା ମାଧ୍ୟମରେ ସାପକାମୁଡା ଭଳି ପ୍ରାକୃତିକ ବିପର୍ଯ୍ୟୟକୁ ରୋକିବାକୁ ଅନୁଗୋଳର ସାମାଜିକ ଅନୁଷ୍ଠାନ "ସାଥୀ ପରିବାର" ପକ୍ଷରୁ ସ୍କୁଲ ଓ କଲେଜ ଛାତ୍ରଛାତ୍ରୀଙ୍କୁ ନେଇ ବ୍ୟାପକ ସଚେତନତା ସୃଷ୍ଟି କରାଯାଉଛି । ଆଜି କୋଶଳା ଗ୍ରାମର "ମାନସ ସ୍ମୃତି ପାଠାଗାର"ର ମିଳିତ ଉଦ୍ୟମରେ କୋଶଳା ଉଚ୍ଚ ବିଦ୍ୟାଳୟ ଏବଂ କୋଶଳା କନିଷ୍ଠ ମହାବିଦ୍ୟାଳୟରେ ଅନୁଷ୍ଠାନର ୬୧ ଏବଂ ୬୨ ତମ ସାପକାମୁଡା ପ୍ରତିରୋଧ ସଚେତନତା କର୍ମଶାଳାରେ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କୁ ସଚେତନ କରାଯାଇଅଛି । ଅନୁଷ୍ଠାନର ସଦସ୍ୟ ପର୍ମିତ୍ର ଆଦିତ୍ୟ ବେହେରା ସାଧନ ବ୍ୟକ୍ତି ଭାବେ ଯୋଗ ଦେଇ ପ୍ରେଜେଣ୍ଟେସନ ମାଧ୍ୟମରେ ବିଷଧର ବିଷହୀନ ସାପ ଚିହ୍ନଟ, ସାପକାମୁଡାର ପ୍ରାଥମିକ ଚିକିତ୍ସା, ପ୍ରଥମ ସୁବର୍ଣ୍ଣ ଏକ ଘଣ୍ଟା, ଡାକ୍ତରୀ ଚିକିତ୍ସାର ଉପାଦେୟତା, ପରିବେଶ ସନ୍ତୁଳନରେ ସାପର ଭୂମିକା ଏବଂ ସାପକାମୁଡା ସମ୍ବନ୍ଧରେ ଥିବା ପୁରୁଣା ଲୋକକଥା ଏବଂ ଅନ୍ଧବିଶ୍ୱାସ ଦୂର ଆଦି ବିଷୟରେ ବିସ୍ତୃତ ଭାବେ ଛାତ୍ରଛାତ୍ରୀଙ୍କୁ ସଚେତନ କରାଇଥିଲେ । ଉଚିତ୍ ସମୟରେ ଡାକ୍ତରଖାନା ପହଚିଂ ଆଣ୍ଟି ସ୍ନେକ୍ ଭେନମ ଦ୍ୱାରା ଚିକିତ୍ସା କରାଇଲେ ସାପକାମୁଡାରୁ ନିଶ୍ଚୟ ଆରୋଗ୍ୟ ହୋଇପାରିବା ସଚେତନ ବାର୍ତ୍ତାକୁ ଛାତ୍ରଛାତ୍ରୀମାନେ ଗ୍ରହଣ କରିବାକୁ ଆଗ୍ରହ ପ୍ରକାଶ କରିଥିଲେ । କୋଶଳା ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ରୋଜାଲିନ ଗଡନାୟକ, କୋଶଳା ମହାବିଦ୍ୟାଳୟର ପ୍ରିନ୍ସିପାଲ ପ୍ରତୀକ୍ଷା ମିଶ୍ର, ଅବସରପ୍ରାପ୍ତ ଶିକ୍ଷକ ତଥା ପାଠାଗାରର ଉପ ସଭାପତି ଭାସ୍କର ଚନ୍ଦ୍ର ସାହୁ, ସାଂଗଠନିକ ସମ୍ପାଦିକା ଲିପିକା ମହାପାତ୍ର, ସାଥୀ ପରିବାରର ସଭାପତି ସିଦ୍ଧାର୍ଥ ପ୍ରଧାନ ପ୍ରମୁଖ କର୍ମଶାଳାରେ ଯୋଗ ଦେଇ ସାପକାମୁଡା ମୃତ୍ୟୁ ବାବଦକୁ ଥିବା ସରକାରୀ ଅନୁକମ୍ପା କ୍ଷତିପୂରଣ ରାଶି ଏବଂ ସାପ-ମଣିଷ ବିବାଦ ରୋକିବା ଦିଗରେ ବିଭିନ୍ନ ସରଳ ପଦକ୍ଷେପ ସମ୍ବନ୍ଧରେ ଛାତ୍ରଛାତ୍ରୀଙ୍କୁ ଅବଗତ କରାଇଥିଲେ । ସଚେତନତା କାର୍ଯ୍ୟକ୍ରମରେ ଆଲୋଚ୍ୟ ବିଷୟ ସମ୍ବନ୍ଧରେ ନିଜ ବନ୍ଧୁ, ପରିଜନ, ପରିବାର, ସାହି ଓ ଗ୍ରାମବାସୀଙ୍କୁ ଜଣାଇବା ସହିତ ସାପକାମୁଡି ଥିବା ଲୋକଙ୍କୁ ତୁରନ୍ତ ଡାକ୍ତରଖାନା ନେବାକୁ ପରାମର୍ଶ ଦେବେ ବୋଲି ଛାତ୍ରଛାତ୍ରୀମାନେ ଆଗ୍ରହ ପ୍ରକାଶ କରିଥିଲେ । ବିଦ୍ୟାଳୟ ଓ ମହା ବିଦ୍ୟାଳୟର ସହକାରୀ ଶିକ୍ଷକ, ଶିକ୍ଷୟିତ୍ରୀ ଓ ଅଧ୍ୟାପକ ଗଣ, "ସାଥୀ ପରିବାର"ର ସଦସ୍ୟ ଗୁରୁଦେବ ସାହୁ, ପିଣ୍ଟୁ ବେହେରା ଓ ସୌମ୍ୟରଂଜନ ଥମ୍ବ ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମ ଆୟୋଜନରେ ସହଯୋଗ କରିଥିଲେ ।

# ରାୟଗଡ଼ା ଜିଲ୍ଲାରେ 'ଆସ ଖେଳିବା ଆସ ଶିଖିବା' କାର୍ଯ୍ୟକ୍ରମର ଶୁଭାରମ୍ଭ



ରାୟଗଡ଼ା, ୬।୮ :(ମନ୍ଥନ) ରାୟଗଡ଼ା ଜିଲ୍ଲାର ଶିଶୁମାନଙ୍କ ସାମଗ୍ରିକ ବିକାଶ ଏବଂ ପ୍ରାରମ୍ଭିକ ଶୈଶବ ଶିକ୍ଷାକୁ ଅଧିକ ସୁଦୃଢ଼ କରିବା ଉଦ୍ଦେଶ୍ୟରେ ଆଜି ଜିଲ୍ଲା କଲେକ୍ଟରେଟ୍ ସମ୍ମିଳନୀ କକ୍ଷରେ 'ଆସ ଖେଳିବା ଆସ ଶିଖିବା'କାର୍ଯ୍ୟକ୍ରମର ଶୁଭାରମ୍ଭ କରାଯାଇଛି ।ଏହି କାର୍ଯ୍ୟକ୍ରମରେ ଶ୍ରୀ ଅଶୁତୋଷ କୁଲକର୍ଣ୍ଣୀ, ଆଇଏଏସ୍, ଜିଲ୍ଲାପାଳ ଓ ଜିଲ୍ଲା ମାଜିଷ୍ଟ୍ରେଟ୍, ରାୟଗଡ଼ା ମୁଖ୍ୟ ଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ତାଙ୍କ ସହ ଶ୍ରୀମତୀ ମିନତୀ ଦେଓ, ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ , ଶ୍ରୀମତୀ ପ୍ରତିମା ଦାଶ, ପ୍ରୋଗ୍ରାମ ଅଫିସର, ଶ୍ରୀମତୀ ଅହଲ୍ୟା ସୁନା, ପ୍ରୋଗ୍ରାମ ଅଫିସର, ଜିଲ୍ଲାର ସମସ୍ତ ୯ ଜଣ ସିଡିପିଓ, ଶ୍ରୀମତୀ ମଧୁଲତା ଦଣ୍ଡସେନା (ପୋଷଣ ଡିସି), ଶ୍ରୀ ଅପୂର୍ବ ନାଥ (ପୋଷଣ ଡିପିଏ), ୩୫ ଜଣ ସୁପରଭାଇଜର ଏବଂ ୧୦ ଜଣ ପୋଷଣ ବ୍ଲକ କୋଓର୍ଡିନେଟର ଉପସ୍ଥିତ ଥିଲେ।କାର୍ଯ୍ୟକ୍ରମରେ 'ଆସ ଖେଳିବା ଆସ ଶିଖିବା' ପଦକ୍ଷେପର ଲକ୍ଷ୍ୟ, ଉଦ୍ଦେଶ୍ୟ ଓ କାର୍ଯ୍ୟପଦ୍ଧତି ସମ୍ପର୍କରେ ବିସ୍ତୃତ ଆଲୋଚନା କରାଯାଇଥିଲା। ଖେଳ ମାଧ୍ୟମରେ ଶିକ୍ଷା (Play-based Learning), ଶିଶୁଙ୍କ ବୟସ ଉପଯୁକ୍ତ ବିକାଶ, ଭାଷା ଓ ଜ୍ଞାନଗତ କୌଶଳର ବିକାଶ ସହିତ ଅଭିଭାବକଙ୍କ ସକ୍ରିୟ ଅଂଶଗ୍ରହଣର ଗୁରୁତ୍ୱ ଉପରେ ବିଶେଷ ଆଲୋକପାତ କରାଯାଇଥିଲା।ଜିଲ୍ଲାପାଳ ତାଙ୍କ ଅଭିଭାଷଣରେ ଅଙ୍ଗନବାଡ଼ି କେନ୍ଦ୍ରଗୁଡ଼ିକରେ ଗୁଣାତ୍ମକ ପ୍ରାରମ୍ଭିକ ଶୈଶବ ଶିକ୍ଷାର ଗୁରୁତ୍ୱ ଉଲ୍ଲେଖ କରି ଶିଶୁମାନଙ୍କ ସାମଗ୍ରିକ ବିକାଶ ପାଇଁ ଖେଳ ଆଧାରିତ ଶିକ୍ଷା ପ୍ରଣାଳୀକୁ ଅଧିକ ସୁଦୃଢ଼ ଭାବେ କାର୍ଯ୍ୟକାରୀ କରିବାକୁ ସମସ୍ତ କ୍ଷେତ୍ର କର୍ମଚାରୀଙ୍କୁ ଆହ୍ୱାନ କରିଥିଲେ।ଜିଲ୍ଲା ପ୍ରଶାସନ, ମହିଳା ଓ ଶିଶୁ ବିକାଶ ବିଭାଗ ଏବଂ ଆଇସିଡିଏସ୍‌ର ସମସ୍ତ ଅଧିକାରୀ ଓ କ୍ଷେତ୍ରସ୍ତରୀୟ କର୍ମଚାରୀଙ୍କ ସକ୍ରିୟ ସହଯୋଗ ଏବଂ ଅଂଶଗ୍ରହଣ ଏହି କାର୍ଯ୍ୟକ୍ରମର ସଫଳ ଆୟୋଜନକୁ ସୁନିଶ୍ଚିତ କରିଥିଲା। ଏହି ପଦକ୍ଷେପ ମାଧ୍ୟମରେ ରାୟଗଡ଼ା ଜିଲ୍ଲାରେ ଗୁଣାତ୍ମକ ପ୍ରାରମ୍ଭିକ ଶୈଶବ ଯତ୍ନ ଓ ଶିକ୍ଷାକୁ ଆହୁରି ସୁଦୃଢ଼ କରିବା ଦିଗରେ ଏକ ନୂତନ ମାଇଲଖୁଣ୍ଟ ।

# ଶୁଳିଆପଦାରେ ସକ୍ରିୟ ଚୋରା ମୋରମ ମାଫିଆ : କୋଟି କୋଟି ଟଙ୍କାର ରାଜସ୍ୱ ହାନି

ମୋରଡ଼ା,୬।୮ :(ମନ୍ଥନ) ମୟୂରଭଞ୍ଜ ଜିଲ୍ଲା ଶୁଳିଆପଦା ଥାନା ଅଞ୍ଚଳରେ ଲଘୁ ଖଣିଜ ସମ୍ପଦ ଚୋରା କାରବାର ବ୍ୟାପକ ରୂପ ନେଇଛି। ମୋରମ ମାଫିଆମାନେ ଜେସିବି ଓ ଡମ୍ଫର ମାଧ୍ୟମରେ ଦିନରାତି ଚୋରା ଚାଲାଣ କରୁଛନ୍ତି। ଏଥିରେ ସରକାର କୋଟି କୋଟି ଟଙ୍କାର ରାଜସ୍ୱ ହରାଉଥିବା ବେଳେ ପୋଲିସ-ପ୍ରଶାସନ ନିଦାବିଷ୍ଟ ପାଲଟିଥିବା ଅଭିଯୋଗ ହୋଇଛି। ସ୍ଥାନୀୟ ଲୋକଙ୍କ କହିବା ଅନୁସାରେ ଶୁଳିଆପଦା ଅଞ୍ଚଳର କୋଷ୍ଠା, ଶୁଳିଆପଦା, କଣ୍ଟିସାହି, କୁଜିଡ଼ିହି, ଭାଲିଆଶୋଳ, କାଦୁଆଣି, ଚଢେଇଗାଁ, ବାଘଡା, ଧାତିକା, ଉଫାଲଗଡିଆ ପ୍ରଭୃତି ସ୍ଥାନରୁ ଜେସିବି ସାହାଯ୍ୟରେ ମୋରମ ଖନନ କରାଯାଉଛି। ପରେ ଡମ୍ଫର ଯୋଗେ ପୋଡ଼ଶି ପଶ୍ଚିମବଙ୍ଗ ସମେତ ଥାନା ଅଞ୍ଚଳରେ ଚଢ଼ା ଦାମରେ ଚୋରା ଚାଲାଣ ହେଉଛି। ଦିନ କି ରାତି ଅହରହ ଏହି ଚୋରା କାରବାର ଚାଲିଛି। ମାଫିଆମାନେ ଖୋଲାଖୋଲି ଭାବେ ରାସ୍ତା ଉପରେ ଡମ୍ଫର ଚଳାଉଥିଲେ ମଧ୍ୟ କୌଣସି ଚେକିଂ ନାହିଁ। ସବୁଠୁ ବଡ କଥା ହେଲା, ପୋଲିସକୁ ଖବର ଦେଲା ମାତ୍ରେ ମାଫିଆମାନଙ୍କ ପାଖକୁ ଖବର ପହଞ୍ଚି ଯାଉଛି। ଫଳରେ ପୋଲିସ ଓ ମୋରମ ମାଫିଆଙ୍କ ମିଳିଭଗତ ଥିବା ସନ୍ଦେହ ସୃଷ୍ଟି ହୋଇଛି।ସ୍ଥାନୀୟ ବାସିନ୍ଦାଙ୍କ ଅଭିଯୋଗ ହେଲା ଯେ ଚୋରା ମୋରମ ଚାଲାଣ ଯୋଗୁଁ ସରକାରଙ୍କର କୋଟି କୋଟି ଟଙ୍କାର ରାଜସ୍ୱ ହାନି ହେଉଛି। ଏଥି ସହ ଓଭରଲୋଡ୍ ଡମ୍ଫର ଚଳାଚଳ ଯୋଗୁଁ ଗ୍ରାମୀଣ ରାସ୍ତା ଗୁଡ଼ିକ ମଧ୍ୟ ଭାଙ୍ଗି ଚୁରମାର ହୋଇଯାଉଛି। ମୋରମ ବୋଝେଇ ଗାଡ଼ି ଗୁଡ଼ିକ ଅତ୍ୟଧିକ ଦ୍ରୁତ ଗତିରେ ଯାଉଥିବା ଯୋଗୁଁ ରାସ୍ତାରେ ଯିବା ଆସିବା କରିବା ପାଇଁ ଡର ଲାଗୁଛି। ମାଫିଆଙ୍କ ଆତଙ୍କ ଯୋଗୁଁ ସାଧାରଣ ଲୋକେ ମୁହଁ ଖୋଲିବାକୁ ଭୟ କରୁଛନ୍ତି। ଏ ନେଇ ତୁରନ୍ତ ଉଚ୍ଚସ୍ତରୀୟ ତଦନ୍ତ କରି ଦୋଷୀଙ୍କ ବିରୁଦ୍ଧରେ କଡ଼ା କାର୍ଯ୍ୟାନୁଷ୍ଠାନ ନେବାକୁ ସ୍ଥାନୀୟ ଲୋକେ ଦାବି କରିଛନ୍ତି। ଅନ୍ୟପଟେ ଏ ନେଇ ପୋଲିସ କିମ୍ବା ଖଣି ବିଭାଗ ପକ୍ଷରୁ କୌଣସି ପ୍ରତିକ୍ରିୟା ମିଳିପାରିନାହିଁ।

# ପଞ୍ଚାୟତ ସମିତି କାର୍ଯ୍ୟାଳୟ, ରାୟଗଡ ପରିସରରେ ଭୀମ ଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଅଭିଯାନ ଶିବିର ଅନୁଷ୍ଠିତ



ରାୟଗଡ,୬।୮ :(ମନ୍ଥନ)ଜିଲ୍ଲାପାଳ ରାୟଗଡଙ୍କ ନିର୍ଦ୍ଦେଶ କ୍ରମେ, ଜିଲ୍ଲା ପ୍ରଶାସନ, ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ, ରାୟଗଡ ପକ୍ଷରୁ ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଅଭିଯାନ ଶିବିର ରାୟଗଡ ସ୍ଥିତ ପଞ୍ଚାୟତ ସମିତି କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଅଛି । ଗୋଷ୍ଠୀ ଉନ୍ନୟନ ଅଧିକାରୀ, ରାୟଗଡ, ଶ୍ରୀ ସୁଜିତ କୁମାର ମିଶ୍ରଙ୍କ ତତ୍ତ୍ୱାବଧାନରେ ଶିବିର ଅନୁଷ୍ଠିତ ହୋଇଥିବା ବେଳେ ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ, ରାୟଗଡ ଶ୍ରୀମତୀ ଏଲିଜାବେଥ ଗୋରଡା, ଉପଖଣ୍ଡ ସାମାଜିକ ସୁରକ୍ଷା ଅଧିକାରୀ ଶ୍ରୀ ଶ୍ରୀକାନ୍ତ କୁମାର ପାଣିଗ୍ରାହୀ, ଉପାଧ୍ୟକ୍ଷା ସ୍ୱତନ୍ତ୍ର ଉନ୍ନୟନ ପରିଷଦ, ରାୟଗଡ ଶ୍ରୀମତୀ ମଞ୍ଜୁଳା ମିଣିଆକା, ପଞ୍ଚାୟତ ସମିତି ଅଧ୍ୟକ୍ଷା ସୁଶ୍ରୀ ଟୁନି ହୁଇକା, ଉପାଧ୍ୟକ୍ଷ ଶ୍ରୀ. ହରପ୍ରସାଦ ହେପ୍ରୁକା, ଶ୍ରୀମତୀ ସ୍ମୃତିରେଖା ନାୟକ, ଜି.ପି.ଡି.ଓ, ଶ୍ରୀ ନୀଳାଞ୍ଚଳ ମିଶ୍ର, ବରିଷ୍ଠ ଶିକ୍ଷକ, ସମସ୍ତ ସରପଞ୍ଚ, ସମିତି ସଭ୍ୟ ସଭ୍ୟା ବୃନ୍ଦ ତଥା ସମସ୍ତ କର୍ମଚାରୀ ବୃନ୍ଦ ଓ ରାୟଗଡ ଭିନ୍ନକ୍ଷମ ମହାସଂଘର ସଭାପତି ଶ୍ରୀ ଶିଶିର ରାଉଳ, ସମ୍ପାଦକ ଶ୍ରୀ ଅମରେନ୍ଦ୍ର ନାଥ ଶିବିରରେ ଉପସ୍ଥିତ ଥିଲେ । ଉକ୍ତ କାର୍ଯ୍ୟକ୍ରମରେ ୩୧୭ ଜଣ ଭିନ୍ନକ୍ଷମଙ୍କ ପଞ୍ଜୀକରଣ କରାଯିବା ସହ ୩ ଜଣ ଭିନ୍ନକ୍ଷମ ବ୍ୟକ୍ତିଙ୍କୁ ଆଶା ବାଡି, ୨ ଜଣଙ୍କୁ ଚକ ଲଗା ଚୌକି ଏବଂ ୫ ଜଣଙ୍କୁ ଶ୍ରବଣ ଯନ୍ତ୍ର ପ୍ରଦାନ କରାଗଲା। ଏତଦବ୍ୟତୀତ, ୨ ଜଣଙ୍କ ଡି.ଆର.ଆଇ. ରଣ ଫର୍ମ, ୨୦ ଜଣଙ୍କ ଭତ୍ତା ଫର୍ମ ଓ ୧୪ ଜଣଙ୍କ ବସ ପାସ ଫର୍ମ ସଂଗ୍ରହ କରାଯାଇଅଛି, ଯାହା ଆଗାମୀ ଦିନରେ ମଞ୍ଜୁର କରାଯାଇ ପ୍ରଦାନ କରାଯିବାର ବ୍ୟବସ୍ଥା କରାଯିବ । ଉକ୍ତ ଶିବିରରେ ୭୨ ଜଣ ଭିନ୍ନକ୍ଷମଙ୍କୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ଚକ୍ଷୁ ବିଶେଷଜ୍ଞ, ଭେଷଜ ବିଶେଷଜ୍ଞ, ଅସ୍ଥିଶଲ୍ୟ ବିଶେଷଜ୍ଞ, ମାନସିକ ରୋଗ ବିଶେଷଜ୍ଞ, ନାସା କର୍ଣ୍ଣ ଗଳା ବିଶେଷଜ୍ଞ, ବରିଷ୍ଠ ଫାର୍ମାସିଷ୍ଟଙ୍କ ଦ୍ୱାରା ପରୀକ୍ଷା କରାଯାଇ ଆଗାମୀ ଦିନରେ ଭିନ୍ନକ୍ଷମ ପ୍ରମାଣପତ୍ର ପ୍ରଦାନ କରାଯିବ । ଏହି କାର୍ଯ୍ୟକ୍ରମ ଭାରପ୍ରାପ୍ତ ଗୋଷ୍ଠୀ ସାମାଜିକ ସୁରକ୍ଷା ଅଧିକାରୀ ପୂର୍ଣ୍ଣମା ମାଝୀ, ପି ଏ ଶ୍ରୀକାନ୍ତ ପେଦିନା ପରିଚାଳନା କରିଥିବା ବେଳେ ଅନ୍ୟାନ୍ୟ ବ୍ଲକ, ଗ୍ରାମ ପଞ୍ଚାୟତ ଓ ବିଭାଗୀୟ କର୍ମଚାରୀମାନେ ସହଯୋଗ କରିଥିଲେ।

# ଶିକ୍ଷୟିତ୍ରୀ ବନବାସିନୀ ପାତ୍ରଙ୍କ ଦେହାନ୍ତ

ବୁଗୁଡା,୬।୮ :(ମନ୍ଥନ) ସ୍ଥାନୀୟ ବାଳକ ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ସହକାରୀ ଶିକ୍ଷୟିତ୍ରୀ ବନବାସିନୀ ପାତ୍ର (୪୬)ଙ୍କ ବିୟୋଗରେ ଅଞ୍ଚଳରେ ଶୋକର ଛାୟା ଖେଳି ଯାଇଛି। ସେ ତିନି ବର୍ଷ ହେଲା କ୍ୟାନସରରେ ପୀଡିତ ଥିଲେ। ସେ ବ୍ରହ୍ମପୁର ବଡ ମେଡିକାଲରେ ଚିକିତ୍ସାଧିନ ଅବସ୍ଥାରେ ଗତ ୫ ତାରିଖ ସକାଳେ ମୃତ୍ୟୁ ବରଣ କରିଥିଲେ। ତାଙ୍କର ମୃତ୍ୟୁ ଶଯ୍ୟା ନିକଟରେ ତାଙ୍କ ସ୍ୱାମୀ ତଥା ପୋଲସରା ଏବିଇଓ ସ୍ୱରୂପ କୁମାର ପାତ୍ର ଏବଂ ଦୁଇ ଝିଅ ଉପସ୍ଥିତ ରହିଥିଲେ। ବ୍ରହ୍ମପୁରସ୍ଥ ଅଳକାପୁରୀ ଶ୍ମଶାନଘାଟରେ ତାଙ୍କର ଅନ୍ତିମ ସଂସ୍କାର କାର୍ଯ୍ୟ ସମ୍ପନ୍ନ ହୋଇଥିଲା। ସେ ଜଣେ କର୍ତ୍ତବ୍ୟନିଷ୍ଠା ଓ ଛାତ୍ରବତ୍ସଳା ଶିକ୍ଷୟିତ୍ରୀ ଥିଲେ। ତାଙ୍କର ମୃତ୍ୟୁରେ ଶିକ୍ଷକ ମହଲ ସାଙ୍ଗକୁ ଅଞ୍ଚଳରେ ଶୋକର ଛାୟା ଖେଳି ଯାଇଛି।

# ଯାଜପୁର ଜିଲ୍ଲା ରେ ସ୍ୱତନ୍ତ୍ର ସଘନ ସଂଶୋଧନ -୨୦୨୬: ଦାବି ଓ ଆପତ୍ତି ଦାଖଲ ଅବଧି ୧୯ ଅଗଷ୍ଟ ପର୍ଯ୍ୟନ୍ତ ବୃଦ୍ଧି

ଯାଜପୁର,୬।୮ :(ମନ୍ଥନ)ଓଡ଼ିଶାରେ ଚାଲିଥିବା ସ୍ୱତନ୍ତ୍ର ସଘନ ସଂଶୋଧନ ୨୦୨୬ କାର୍ଯ୍ୟକ୍ରମ ଅଧୀନରେ ଚିଠା ଭୋଟର ତାଲିକା ଉପରେ ଦାବି ଓ ଆପତ୍ତି ଦାଖଲ ପାଇଁ ସମୟସୀମାକୁ ଭାରତ ନିର୍ବାଚନ ଆୟୋଗ ୧୯ ଅଗଷ୍ଟ ୨୦୨୬ ପର୍ଯ୍ୟନ୍ତ ବୃଦ୍ଧି କରିଛନ୍ତି। ଏ ସମ୍ପର୍କିତ ଆଧିକାରିକ ବିଜ୍ଞପ୍ତି ଗୃହ (ନିର୍ବାଚନ) ବିଭାଗ ପକ୍ଷରୁ ଓଡ଼ିଶା ଗେଜେଟ୍‌ରେ ପ୍ରକାଶ ପାଇଛି। ୦୧ ଜୁଲାଇ ୨୦୨୬କୁ ଯୋଗ୍ୟତା ତାରିଖ ଭାବେ ଧାର୍ଯ୍ୟ କରି ଚାଲିଥିବା ଏହି ସ୍ୱତନ୍ତ୍ର ସଘନ ସଂଶୋଧନ ପ୍ରକ୍ରିୟା ପାଇଁ ଭାରତ ନିର୍ବାଚନ ଆୟୋଗ ସଂଶୋଧିତ କାର୍ଯ୍ୟସୂଚୀ ଜାରି କରିଛନ୍ତି। ଜିଲ୍ଲା ରେ ଅଧିକରୁ ଅଧିକ ଯୋଗ୍ୟ ନାଗରିକଙ୍କୁ ଭୋଟର ତାଲିକାରେ ସାମିଲ କରିବା, ଯୋଗ୍ୟ ଭୋଟରଙ୍କୁ ପର୍ଯ୍ୟାପ୍ତ ସମୟ ଦେବା ଏବଂ ଦାବି ଓ ଆପତ୍ତି ପ୍ରକ୍ରିୟାକୁ ଅଧିକ ସୁବ୍ୟବସ୍ଥିତ ଓ ଅନ୍ତର୍ଭୁକ୍ତିମୂଳକ କରିବା ଉଦ୍ଦେଶ୍ୟରେ ଏହି ସମୟ ବୃଦ୍ଧି କରାଯାଇଛି। ଯେଉଁ ଯୋଗ୍ୟ ନାଗରିକଙ୍କ ନାମ ଚିଠା ଭୋଟର ତାଲିକାରେ ସାମିଲ ହୋଇନାହିଁ କିମ୍ବା ଭୋଟର ତାଲିକାରେ ଥିବା ତଥ୍ୟରେ କୌଣସି ତ୍ରୁଟି ରହିଛି, ସେମାନେ ୧୯ ଅଗଷ୍ଟ ୨୦୨୬ ପର୍ଯ୍ୟନ୍ତ ଦାବି ଓ ଆପତ୍ତି ଦାଖଲ କରିପାରିବେ। ଏହି ଅବଧି ମଧ୍ୟରେ ଫର୍ମ-୬ ମାଧ୍ୟମରେ ନୂତନ ଭୋଟର ଭାବେ ପଞ୍ଜୀକରଣ, ଫର୍ମ-୭ ମାଧ୍ୟମରେ ନାମ ବିଲୋପ ପାଇଁ ଆବେଦନ ଏବଂ ଫର୍ମ-୮ ମାଧ୍ୟମରେ ଭୋଟର ତାଲିକାରେ ଥିବା ତଥ୍ୟର ସଂଶୋଧନ ପାଇଁ ଆବେଦନ କରାଯାଇପାରିବ। ୦୧ ଜୁଲାଇ ୨୦୨୬ ସୁଦ୍ଧା ୧୮ ବର୍ଷ ବୟସ ପୂରଣ କରିଥିବା ସମସ୍ତ ଯୋଗ୍ୟ ନାଗରିକ ଏହି ସୁଯୋଗର ସଦ୍‌ବ୍ୟବହାର କରିବାକୁ ଜିଲ୍ଲା ପ୍ରଶାସନ ପକ୍ଷରୁ ଅନୁରୋଧ କରାଯାଉଛି।

# ଆହାର କେନ୍ଦ୍ରରେ ସାଧାରଣ ଲୋକଙ୍କ ସହ ଧାଡ଼ିରେ ଠିଆ ହୋଇ ଭୋଜନ କଲେ ବିଧାୟକ ଗୌରୀଶଙ୍କର ମାଝୀ

ନବରଙ୍ଗପୁର,୬।୮ :(ମନ୍ଥନ) ନବରଙ୍ଗପୁର ବିଧାୟକ ଗୌରୀଶଙ୍କର ମାଝୀ ନିଜର ବ୍ୟତିକ୍ରମୀ କାର୍ଯ୍ୟଶୈଳୀ ଓ ଲୋକଙ୍କ ସହ ନିବିଡ଼ ସମ୍ପର୍କ ପାଇଁ ସବୁବେଳେ ଚର୍ଚ୍ଚାରେ ରହିଆସିଛନ୍ତି। ବିଭିନ୍ନ ସମୟରେ ସେ ସାଧାରଣ ଓ ଗରିବ ଶ୍ରେଣୀର ଲୋକଙ୍କ ସହ ସିଧାସଳଖ ଭେଟି ସେମାନଙ୍କ ସମସ୍ୟା ବୁଝିବା ସହ ତାହାର ସମାଧାନ ଦିଗରେ ପଦକ୍ଷେପ ନେଉଥିବା ଦେଖିବାକୁ ମିଳେ। ସେହିପରି ସରକାରୀ ଯୋଜନାଗୁଡ଼ିକ ତୃଣମୂଳ ସ୍ତରରେ ଠିକ୍ ଭାବେ କାର୍ଯ୍ୟକାରୀ ହେଉଛି କି ନାହିଁ, ତାହାର ମଧ୍ୟ ନିୟମିତ ତଦାରଖ କରୁଛନ୍ତି।ଏହି କ୍ରମରେ ଗୁରୁବାର ବିଧାୟକ ହଠାତ୍ ନବରଙ୍ଗପୁର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ନିକଟରେ ଥିବା ଆହାର କେନ୍ଦ୍ରରେ ପହଞ୍ଚିଥିଲେ। ବିଧାୟକଙ୍କୁ ଅଚାନକ ଦେଖି ଆହାର କେନ୍ଦ୍ରର କର୍ମଚାରୀମାନେ ଆଶ୍ଚର୍ଯ୍ୟ ହୋଇଯାଇଥିଲେ। ତେବେ ବିଧାୟକ କୌଣସି ବିଶେଷ ସୁବିଧା ନ ନେଇ ସାଧାରଣ ଲୋକଙ୍କ ଭଳି ଧାଡ଼ିରେ ଠିଆ ହୋଇ ୫ ଟଙ୍କା ଦେଇ ଟୋକେନ ସଂଗ୍ରହ କରିଥିଲେ। ପରେ ଅନ୍ୟମାନଙ୍କ ସହ ଧାଡ଼ିରେ ଠିଆ ହୋଇ ଖାଦ୍ୟ ନେଇ ସମସ୍ତଙ୍କ ସହ ବସି ଭୋଜନ କରିଥିଲେ ।ଭୋଜନ ସମୟରେ ସେ ଖାଦ୍ୟର ସ୍ୱାଦ, ଗୁଣବତ୍ତା ଓ ପରିବେଷଣ ବ୍ୟବସ୍ଥା ସମ୍ପର୍କରେ ଖୋଜଖବର ନେଇଥିଲେ। ଏହା ସହିତ ରୋଷେଇ ଘର ବୁଲି ଦେଖି ସେଠାରେ ପରିଷ୍କାର-ପରିଚ୍ଛନ୍ନତା କିପରି ରକ୍ଷା କରାଯାଉଛି, ତାହା ମଧ୍ୟ ଯାଞ୍ଚ କରିଥିଲେ ।ଆହାର କେନ୍ଦ୍ରରେ ପରିବେଷଣ କରାଯାଉଥିବା ଖାଦ୍ୟର ମାନ ଓ ସ୍ୱଚ୍ଛ ପରିବେଶ ଦେଖି ବିଧାୟକ ସନ୍ତୋଷ ପ୍ରକାଶ କରିଥିଲେ। ସାଧାରଣ ଲୋକଙ୍କ ସହ ଧାଡ଼ିରେ ଠିଆ ହୋଇ ଭୋଜନ କରିବା ଏବଂ ନିଜେ ଯୋଜନାର ବାସ୍ତବ ସ୍ଥିତି ପରଖିବାକୁ ସ୍ଥାନୀୟ ଲୋକେ ପ୍ରଶଂସା କରିଛନ୍ତି।

# ଜନଜୀବନର ସୁରକ୍ଷା ଏବଂ ଲୋକଙ୍କୁ ସମ୍ମାନର ସହିତ ସ୍ୱାସ୍ଥ୍ୟସେବା ଯୋଗାଇ ଦେବା ପାଇଁ ରାଜ୍ୟ ସରକାର ସମ୍ପୂର୍ଣ୍ଣ ପ୍ରସ୍ତୁତ ଅଛନ୍ତି

ଯାଜପୁର,୬।୮ :(ମନ୍ଥନ)ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ, ସଂସଦୀୟ ବ୍ୟାପାର ଏବଂ ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତିବିଦ୍ୟା ମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ ଯାଜପୁର ଜିଲ୍ଲା ଗସ୍ତରେ ଆସି ବନ୍ୟା ପରବର୍ତ୍ତୀ ସ୍ୱାସ୍ଥ୍ୟସେବା ଓ ଜନସ୍ୱାସ୍ଥ୍ୟ ପରିଚାଳନାର ଉଚ୍ଚସ୍ତରୀୟ ସମୀକ୍ଷା କରିଛନ୍ତି। ଗସ୍ତ ଅବସରରେ ମନ୍ତ୍ରୀ ଡ. ମହାଲିଙ୍ଗ ପ୍ରଥମେ ଯାଜପୁର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ପରିଦର୍ଶନ କରି ମା'–ଶିଶୁ ୱାର୍ଡ ଏବଂ ଅନ୍ୟାନ୍ୟ ବିଭାଗ ବୁଲି ଦେଖିଥିଲେ। ସେଠାରେ ବନ୍ୟା ସମୟରେ ଉଦ୍ଧାର କରାଯାଇଥିବା ଗର୍ଭବତୀ ମା'ମାନଙ୍କ ସମେତ ଚିକିତ୍ସାଧୀନ ଅନ୍ୟ ରୋଗୀମାନଙ୍କ ସହ ସ୍ୱାସ୍ଥ୍ୟସେବାର ଗୁଣବତା ସମ୍ପର୍କରେ ସିଧାସଳଖ ପଚାରି ବୁଝିଥିଲେ। ଏହାପରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଆୟୋଜିତ ସମୀକ୍ଷା ବୈଠକରେ ଯୋଗଦେଇ ଜିଲ୍ଲାର ସ୍ୱାସ୍ଥ୍ୟସେବା, ରୋଗ ନିୟନ୍ତ୍ରଣ ବ୍ୟବସ୍ଥା ଏବଂ ସ୍ୱାସ୍ଥ୍ୟ ଭିତିଭୂମିର ଅନୁଧ୍ୟାନ କରିଥିଲେ। ସମୀକ୍ଷା ବୈଠକରେ ମାନ୍ୟବର ମନ୍ତ୍ରୀ କହିଥିଲେ ଯେ ବନ୍ୟା ପରବର୍ତ୍ତୀ ସମୟରେ ସ୍ୱାସ୍ଥ୍ୟ ବିଭାଗର ଦାୟିତ୍ୱ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ହୋଇଥାଏ। ବନ୍ୟା ଜଳ ଅପସାରଣ ପରେ ଝାଡ଼ାବାନ୍ତି (ଡାଇରିଆ), କଲେରା, ମ୍ୟାଲେରିଆ ଓ ଡେଙ୍ଗୁ ଭଳି ଜଳ ଓ ବାହକବାହିତ ରୋଗ ବ୍ୟାପିବାର ସମ୍ଭାବନା ଅଧିକ ଥାଏ। ଏହି ସମ୍ଭାବ୍ୟ ସଂକ୍ରମଣକୁ ରୋକିବା ପାଇଁ ସ୍ୱାସ୍ଥ୍ୟ ବିଭାଗ, ଗ୍ରାମ୍ୟ ଜଳ ଯୋଗାଣ ଓ ପରିମଳ ଏବଂ ମହିଳା ଓ ଶିଶୁ ବିକାଶ ବିଭାଗ ମିଳିତ ଭାବେ 'ଆଗୁଆ ଯୋଜନା' ଏବଂ 'ବିସ୍ତୃତ ଯୋଜନା' ଆଧାରରେ କାର୍ଯ୍ୟ କରିବାକୁ ସେ ନିର୍ଦ୍ଦେଶ



ଦେଇଥିଲେ। ଏହି ଅବସରରେ ମନ୍ତ୍ରୀ ଜିଲ୍ଲା ପ୍ରଶାସନ ଓ ସ୍ୱାସ୍ଥ୍ୟ ବିଭାଗର ଉଦ୍ୟମକୁ ପ୍ରଶଂସା କରି କହିଥିଲେ ଯେ ବନ୍ୟା ସମୟରେ ୬୦ ଜଣ ଆସନ୍ନ ପ୍ରସବା ମହିଳାଙ୍କୁ ସୁରକ୍ଷିତ ଭାବେ ଉଦ୍ଧାର କରାଯାଇଥିଲା। ସେମାନଙ୍କ ମଧ୍ୟରୁ ୪୭ ଜଣ ସୁସ୍ଥ ମାତୃତ୍ୱ ଲାଭ କରିସାରିଥିବା ବେଳେ ୪୦ ଜଣ ହସ୍ପିଟାଲରୁ ଡିସଚାର୍ଜ ହୋଇସାରିଛନ୍ତି। ଏହାସହିତ ବନ୍ୟା ସମୟରେ ସର୍ପାଘାତ ରୋଗୀଙ୍କ ଚିକିତ୍ସା ପାଇଁ ସରକାରଙ୍କ ନିର୍ଦ୍ଦେଶକ୍ରମେ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ସ୍ତର ପର୍ଯ୍ୟନ୍ତ ଆଂଟି-ସ୍ନେକ୍ ଭେନମ୍ ଇଞ୍ଜେକସନ ଯୋଗାଇ ଦିଆଯାଇଛି। ବର୍ଷା ଛାଡ଼ିବା ପରେ ସଂକ୍ରାମକ ରୋଗ ନିୟନ୍ତ୍ରଣ ପାଇଁ କମ୍ୟୁନିଟି ମେଡିସିନ ବିଭାଗ ଓ ଏପିଡେମିଓଲୋଜିଷ୍ଟମାନେ ସକ୍ରିୟ ଭାବେ କ୍ଷେତ୍ରସ୍ତରରେ କାର୍ଯ୍ୟ କରିବେ ବୋଲି ମନ୍ତ୍ରୀ ପ୍ରକାଶ କରିଥିଲେ। ପ୍ରଭାବିତ ଅଂଚଳରେ ଷ୍ଟପ ଡାଇରିଆ ଅଭିଯାନ ସକ୍ରିୟ ଭାବେ କାର୍ଯ୍ୟ କରିବା ଆଶା, ଅଙ୍ଗନବାଡ଼ି ଓ ସ୍ୱାସ୍ଥ୍ୟକର୍ମୀଙ୍କ ମାଧ୍ୟମରେ ଘରେ ଘରେ ସଚେତନତା ସୃଷ୍ଟି ପାନୀୟ ଜଳ ଫୁଟାଇ ପିଇବା,ଜଳ ଉତ୍ସ ଗୁଡିକର ନିୟମିତ ବିଶୋଧନ ଆବଶ୍ୟକୀୟ ଔଷଧର ପର୍ଯ୍ୟାପ୍ତ ମହଜୁଦ ସୁନିଶ୍ଚିତ କରିବା ସହ ମେଡିକାଲ ଟିମ କୁ ପ୍ରସ୍ତୁତ ରଖିବାକୁ ନିର୍ଦ୍ଦେଶ ଦେଇଥିଲେ ।ସେହିପରି ପାନୀୟ ଜଳର ଗୁଣବତା କ୍ରମାଗତ ଭାବେ ଯାଂଚ କରିବା, ୩,୦୦୦ରୁ ଅଧିକ ନଳକୂପ ଓ ଜଳ ଉତ୍ସଗୁଡ଼ିକର ନିୟମିତ ବିଶୋଧନ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ଜନ ଜୀବନର ସୁରକ୍ଷା ଏବଂ ସମ୍ମାନର ସହିତ ସ୍ୱାସ୍ଥ୍ୟସେବା ଯୋଗାଇବା ପାଇଁ ସରକାର ସମ୍ପୂର୍ଣ୍ଣ ପ୍ରସ୍ତୁତ ଅଛନ୍ତି ବୋଲି ସେ ଦୃଢ଼ୋକ୍ତି ପ୍ରକାଶ କରିଥିଲେ। ଏହି ସମୀକ୍ଷା ବୈଠକରେ ଜିଲ୍ଲାପାଳ ଶ୍ରୀ ଅମ୍ବର କୁମାର କର ବନ୍ୟା ପ୍ରଭାବିତ ଅଞ୍ଚଳରେ ଚାଲିଥିବା ରିଲିଫ୍, ଉଦ୍ଧାର କାର୍ଯ୍ୟ, ମେଡିକାଲ୍ ଟିମ୍ ନିୟୋଜନ, ହାଲୋଜେନ ବଟିକା, ଢଜଝ ବଣ୍ଟନ ଏବଂ ଜନସ୍ୱାସ୍ଥ୍ୟ ସୁରକ୍ଷା ପାଇଁ ଗ୍ରହଣ କରାଯାଇଥିବା ପଦକ୍ଷେପ ସମ୍ପର୍କରେ ମନ୍ତ୍ରୀଙ୍କୁ ବିସ୍ତୃତ ସୂଚନା ଦେଇଥିଲେ। ବୈଠକରେ ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଡଃ ରବୀନ୍ଦ୍ର ନାଥ ମିଶ୍ର, ସ୍ୱତନ୍ତ୍ର ସଚିବ, ଜନସ୍ୱାସ୍ଥ୍ୟ ଡଃ ବିଜୟ କୁମାର ମିଶ୍ର, ଯୁଗ୍ମ ନିର୍ଦ୍ଦେଶକ, ଡଃ ସୁବାଶିଷ ମହାନ୍ତି, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ ଦେବୀ ପ୍ରସାଦ ମହାନ୍ତି, ଉପଜିଲ୍ଲାପାଳ ତାପସ ରଞ୍ଜନ ଦେହୁରୀ, ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡା.ନଗେନ୍ଦ୍ର ନାଥ ମହାପାତ୍ର,ଏଡିଏମଓ ଡା ରମେଶ ଚନ୍ଦ୍ର ମଲ୍ଲିକ,ବିଡିଓ, ତହସିଲଦାର ଏବଂ ଅନ୍ୟାନ୍ୟ ବରିଷ୍ଠ ପ୍ରଶାସନିକ ଓ ସ୍ୱାସ୍ଥ୍ୟ ଅଧିକାରୀ କ୍ଷେତ୍ରୀୟ ଅଧିକାରୀ ଏବଂ ଡାକ୍ତରମାନେ ଉପସ୍ଥିତ ଥିଲେ ।ପରିଶେଷରେ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ଯୁଧିଷ୍ଠିର ନାଏକ ଧନ୍ୟବାଦ ଅର୍ପଣ କରିଥିଲେ।

# ଜିଲ୍ଲା ସ୍ୱାସ୍ଥ୍ୟ ସମିତି ପକ୍ଷରୁ ବିଶ୍ୱ ସ୍ତନ୍ୟପାନ ସପ୍ତାହ ପାଳିତ

ନବରଙ୍ଗପୁର, ୬।୮ :(ମନ୍ଥନ) ନବରଂଗପୁର ଜିଲ୍ଲା ସ୍ୱାସ୍ଥ୍ୟ ସମିତି, ନବରଙ୍ଗପୁର ପକ୍ଷରୁ ଆଜି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ପରିସରରେ ବିଶ୍ୱ ସ୍ତନ୍ୟପାନ ସପ୍ତାହ-୨୦୨୬ ଉପଲକ୍ଷେ ଏକ ଜିଲ୍ଲାସ୍ତରୀୟ ସଚେତନତା କାର୍ଯ୍ୟକ୍ରମ ଓ ଆଲୋଚନାଚକ୍ର ଆୟୋଜିତ ହୋଇଥିଲା। ମା' ଓ ଶିଶୁଙ୍କ ସ୍ୱାସ୍ଥ୍ୟ ସୁରକ୍ଷା, ସୁପୋଷଣ, ନବଜାତ ଶିଶୁଙ୍କ ଉନ୍ନତ ବିକାଶ ଏବଂ ସ୍ତନ୍ୟପାନର ଗୁରୁତ୍ୱ ସମ୍ପର୍କରେ ଜନସଚେତନତା ସୃଷ୍ଟି କରିବା ଏହି କାର୍ଯ୍ୟକ୍ରମର ମୂଳ ଉଦ୍ଦେଶ୍ୟ ଥିଲା ।କାର୍ଯ୍ୟକ୍ରମରେ ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ପ୍ରଫୁଲ୍ଲ କୁମାର ପାଢୀ ଅଧ୍ୟକ୍ଷତା କରିଥିଲେ। ସେ ସ୍ୱାଗତ ଅଭିଭାଷଣ ପ୍ରଦାନ କରି ଚଳିତ ବର୍ଷର ବିଷୟବସ୍ତୁ "ଜୀବନର ଚୀରସ୍ଥାୟୀ ଆରମ୍ଭ ପାଇଁ ସ୍ତନ୍ୟପାନ : ଏହାକୁ ଉତ୍ସାହିତ ଓ ସମର୍ଥନ କରିବା" ଉପରେ ବିସ୍ତୃତ ଆଲୋକପାତ କରିଥିଲେ। ସେ କହିଥିଲେ ଯେ ଶିଶୁ ଜନ୍ମର ପ୍ରଥମ ଘଣ୍ଟା ମଧ୍ୟରେ ସ୍ତନ୍ୟପାନ ଆରମ୍ଭ କରିବା ଏବଂ ଜନ୍ମରୁ ପ୍ରଥମ ଛଅ ମାସ ପର୍ଯ୍ୟନ୍ତ କେବଳ ମା'ର କ୍ଷୀର ଖୁଆଇବା ପ୍ରତ୍ୟେକ ଶିଶୁର ସୁସ୍ଥ ବିକାଶ ପାଇଁ ଅତ୍ୟାବଶ୍ୟକ। ଏହା ପରେ ଦୁଇ ବର୍ଷ କିମ୍ବା ତା'ଠାରୁ ଅଧିକ ସମୟ ପର୍ଯ୍ୟନ୍ତ ଉପଯୁକ୍ତ ପରିପୂରକ ଖାଦ୍ୟ ସହ ସ୍ତନ୍ୟପାନ ଜାରି ରଖିବା ଉଚିତ ବୋଲି ସେ ପରାମର୍ଶ ଦେଇଥିଲେ।ମା'ର କ୍ଷୀର ଶିଶୁ ପାଇଁ ସମ୍ପୂର୍ଣ୍ଣ ପୁଷ୍ଟିକର ଖାଦ୍ୟ ହୋଇଥିବା ସହ ଏହା ଶିଶୁର ରୋଗ ପ୍ରତିରୋଧକ ଶକ୍ତିକୁ ସୁଦୃଢ଼ କରିଥାଏ। ନିୟମିତ ସ୍ତନ୍ୟପାନ ଦ୍ୱାରା ଡାଇରିଆ, ନିମୋନିଆ, ଶ୍ୱାସନଳୀ ସଂକ୍ରମଣ, କୁପୋଷଣ ଏବଂ ଅନ୍ୟାନ୍ୟ ସଂକ୍ରାମକ ରୋଗର ଆଶଙ୍କା କମିଥାଏ। ସେହିପରି ସ୍ତନ୍ୟପାନ ମା'ଙ୍କ ସ୍ୱାସ୍ଥ୍ୟ ପାଇଁ ମଧ୍ୟ ଲାଭଦାୟକ ହୋଇଥାଏ ଏବଂ ମାତୃ ଓ ଶିଶୁ ମୃତ୍ୟୁହାର ହ୍ରାସରେ ଏହାର ଗୁରୁତ୍ୱପୂର୍ଣ୍ଣ ଅବଦାନ ରହିଛି ବୋଲି ସେ ପ୍ରକାଶ କରିଥିଲେ ।ଶିଶୁରୋଗ ବିଶେଷଜ୍ଞ ଡା. ଭି. ରଜନୀକାନ୍ତ ସ୍ତନ୍ୟପାନର ବୈଜ୍ଞାନିକ ଉପକାରିତା, ନବଜାତ ଶିଶୁର ସଠିକ୍ ପୁଷ୍ଟି ଓ ମା'ଙ୍କ ସ୍ୱାସ୍ଥ୍ୟ ସୁରକ୍ଷା ସମ୍ପର୍କରେ ବିସ୍ତୃତ ଆଲୋଚନା କରିଥିଲେ। ସେ କହିଥିଲେ ଯେ ସ୍ତନ୍ୟପାନକୁ ସଫଳ କରିବା ପାଇଁ ପରିବାର, ସ୍ୱାସ୍ଥ୍ୟକର୍ମୀ ଏବଂ ସମାଜର ସମନ୍ୱିତ ସହଯୋଗ ଅତ୍ୟନ୍ତ ଆବଶ୍ୟକ।



'ମିଶୁ ମୋର ଦେହ ଏ ଦେଶ ମାଟିରେ,
ଦେଶବାସୀ ଚାଲି ଯାଆନ୍ତୁ ପିଠିରେ ।
ଦେଶର-ସ୍ୱରାଜ୍ୟ ପଥେ ଯେତେ ଗାଡ଼
ପୂରୁ ତହିଁ ପଡ଼ି ମୋର ମାଂସ ହାଡ଼ ।

## ଗୀତାଜ୍ଞାନ

ସର୍ବଭୂତସ୍ଥିତଂ ଯୋ ମାଂ ଭଜତ୍ୟେକତ୍ୱମାସ୍ଥିତଃ ।
ସର୍ବଥା ବର୍ତ୍ତମାନୋଽପି ସ ଯୋଗୀ ମୟି ବର୍ତ୍ତତେ ।।
ଅର୍ଥ: ଯେଉଁ ପୁରୁଷ ଏକୀଭାବରେ ସ୍ଥିତ ହୋଇ ସମସ୍ତ ପ୍ରାଣୀଙ୍କ ଠାରେ ଆତ୍ମରୂପରେ ସ୍ଥିତ ମୋତେ (ସଚ୍ଚିଦାନନ୍ଦଘନ ବାସୁଦେବଙ୍କୁ) ଭଜନ୍ତି, ସେହି ଯୋଗୀ ସକଳପ୍ରକାରେ କ୍ରିୟାକଳାପ କରୁଥିଲେ ମଧ୍ୟ ମୋ ସହିତ ହିଁ ସକଳ କ୍ରିୟା କରୁଥାନ୍ତି । ।।

# 'ସହଯୋଗ' : ଅନ୍ତ୍ୟୋଦୟର ଏକ ରୂପାୟନ

**ଡ. କୃଷ୍ଣଚନ୍ଦ୍ର ମହାପାତ୍ର**

କୌଣସି ଯୋଗ୍ୟ ପରିବାର ଯେପରି ବଞ୍ଚିତ ନ ହୁଅନ୍ତି ତାହା ସୁନିଶ୍ଚିତ କରିବା ଠାରୁ ଆରମ୍ଭ କରି ସହରାଞ୍ଚଳର ଗରିବ ସମୁଦାୟର ଜୀବନଧାରଣ, ବିକାଶ ଓ ସମୃଦ୍ଧିର ପୁନଃ ପରିକଳ୍ପନା ପର୍ଯ୍ୟନ୍ତ—'ସହଯୋଗ' ଓଡ଼ିଶାର ଅନ୍ୟତମ ରୂପାନ୍ତରଣକାରୀ ସହରୀ ସମାବେଶୀ ପଦକ୍ଷେପ ଭାବେ ଉଭା ହୋଇଛି । ସମାଜର ଶେଷ ନାଗରିକଙ୍କ ନିକଟରେ ପ୍ରଶାସନ ପହଞ୍ଚିଲେ ତାହା କିପରି ପ୍ରକୃତରେ ଫଳପ୍ରଦ ହୋଇପାରେ, ଏହା ତାହାର ଏକ ଜ୍ୱଳନ୍ତ ଉଦାହରଣ । ଏହି ଅଭିଯାନ ପଣ୍ଡିତ ଦୀନଦୟାଲ ଉପାଧ୍ୟାୟଙ୍କ କାଳଜୟୀ ଦର୍ଶନରୁ ପ୍ରେରଣା ଲାଭ କରିଛି, ଯାହାଙ୍କର 'ଏକାତ୍ମ ମାନବବାଦ' ଦର୍ଶନ 'ଅନ୍ତ୍ୟୋଦୟ'-ଅର୍ଥାତ୍ ଶେଷ ଧାଡ଼ିରେ ଠିଆ ହୋଇଥିବା ବ୍ୟକ୍ତିର ବିକାଶ—ପରି କଳ୍ପନାକୁ ସଦାସର୍ବଦା ଏକ ସାର ଗର୍ଭକ ରୂପ ଦେଇଥିଲା । ସେ ବିଶ୍ୱାସ କରୁଥିଲେ ଯେ ଶୀର୍ଷରେ ଥିବା ଲୋକଙ୍କ ସମୃଦ୍ଧି ପ୍ରଶାସନର ପ୍ରକୃତ ମାପକାଠି ନୁହେଁ, ବରଂ ଶେଷ ଧାଡ଼ିର ଶେଷ ସୀମାରେ ଛିଡ଼ା ହୋଇଥିବା ବ୍ୟକ୍ତିଙ୍କୁ ମିଳୁଥିବା ସମ୍ମାନ, ସୁରକ୍ଷା ଓ ସୁଯୋଗ ହିଁ ଏହାର ପ୍ରକୃତ ମାପକାଠି । ଏହି ଦର୍ଶନ ଆମର ସମାବେଶୀ ବିକାଶର ଦୂରଦୃଷ୍ଟିକୁ ନିରନ୍ତର ମାର୍ଗଦର୍ଶନ କରିଆସୁଛି, ଯେଉଁଥିରେ ପ୍ରତ୍ୟେକ ନାଗରିକ ପ୍ରଗତିର ଯାତ୍ରାରେ ସାମିଲ ହେବା ପାଇଁ ସଶକ୍ତ ହୋଇପାରିଛନ୍ତି ।

ଏହି ଦୂରଦୃଷ୍ଟି କଟକର ଜୋବ୍ରା ସ୍ଥିତ ଏକ ନିରୋଳା ଗଳିରେ ସାକାର ହୋଇଉଠେ । ଯେଉଁଠାରେ ୪୪ ବର୍ଷୀୟା ଭିନ୍ନକ୍ଷମ ଆଶାଲତା ଦାସ ବଞ୍ଚିବା ପାଇଁ ସଂଗ୍ରାମ କରୁଥିବା ବେଳେ ତାଙ୍କର ବୃଦ୍ଧା ମା' ଜଣେ ଦିନ ମଜୁରିଆ ସଫେଇ କର୍ମଚାରୀ ଭାବେ କାମ କରି ପରିବାର ପ୍ରତିପୋଷଣ କରୁଥିଲେ । ସରକାରୀ ସହାୟତା ପାଇଁ ସମ୍ପୂର୍ଣ୍ଣ ଯୋଗ୍ୟ ହୋଇଥିଲେ ବି ଆଶାଲତା ସାମାଜିକ ସୁରକ୍ଷା ଯୋଜନାରୁ ବଞ୍ଚିତ ଥିଲେ । ଜଣେ 'ସହଯୋଗ' ସ୍ୱେଚ୍ଛାସେବୀ (ଫାସିଲିଟେଟର) ତାଙ୍କ ଘରକୁ ଯାଇ ଆବଶ୍ୟକୀୟ କାଗଜପତ୍ର କରାଇ ତାଙ୍କୁ 'ମଧୁବାବୁ ପେନସନ ଯୋଜନା' ସହ ଯୋଡ଼ି ଥିଲେ । ଆଜି ସେହି ପେନସନ କେବଳ ଆର୍ଥିକ ସହାୟତା ଯୋଗାଉ ନାହିଁ, ବରଂ ତାଙ୍କୁ ଏକ ନୂତନ ସୁରକ୍ଷା ଓ ଆତ୍ମ ସମ୍ମାନର ଭାବନା ଦେଇଛି । ଏହି କାହାଣୀ ସାରା ସହରାଞ୍ଚଳ ଓଡ଼ିଶାର ହଜାର ହଜାର ବିଧବା, ବୃଦ୍ଧ ନାଗରିକ, ଭିନ୍ନକ୍ଷମ ଓ ପ୍ରବାସୀ ପରିବାର ପାଇଁ ପ୍ରେରଣାର ଉତ୍ସ ହୋଇପଡିଛି , ଯେଉଁମାନେ ଯୋଗ୍ୟତା ଥାଇ ବି ଦୀର୍ଘଦିନ ଧରି ସରକାରୀ ଯୋଜନା ରୁ ବଞ୍ଚିତ ହୋଇ ରହିଛନ୍ତି । ଏହା ସ୍ପଷ୍ଟ ଯେ, ପ୍ରଶାସନ ତାହାର ଲକ୍ଷ୍ୟ ସେତେବେଳେ ହାସଲ କରେ, ଯେତେବେଳେ ପ୍ରାପ୍ୟ/ଯୋଗ୍ୟତା ସହଜରେ ଅଧିକାରରେ ପରିଣତ ହୁଏ ଏବଂ ଅଧିକାର ସୁଯୋଗର ରୂପ ନିଏ ।ଗତ ଏକ ଦଶନ୍ଧି ମଧ୍ୟରେ ଓଡ଼ିଶାରେ ଦ୍ରୁତ ସହରୀକରଣ ଦେଖିବାକୁ ମିଳିଛି, ଯେଉଁଥିରେ ଆମ ସହରଗୁଡ଼ିକ ବିକାଶ, ନବୋନ୍ମେଷ ଓ ଉଦ୍ୟୋଗର ସମୃଦ୍ଧ କେନ୍ଦ୍ର ଭାବେ ଉଭା ହୋଇଛନ୍ତି । ତଥାପି, ସହରାଞ୍ଚଳର ଅନେକ ଅସହାୟ ପରିବାର କିଛି ଅଦୃଶ୍ୟ ପ୍ରତିବନ୍ଧକ ପଛରେ ବାନ୍ଧିହୋଇ ରହିଥିଲେ । ସମସ୍ୟା କେବେ ବି କଲ୍ୟାଣକାରୀ ଯୋଜନାର ଅଭାବ ନ ଥିଲା । ଭାରତ ସରକାର ଏବଂ ଓଡ଼ିଶା ସରକାର ଉଭୟ ଏକ ବ୍ୟାପକ ସାମାଜିକ ସୁରକ୍ଷା ଢାଞ୍ଚା ନିର୍ମାଣ କରିଛନ୍ତି । ପ୍ରକୃତ ପ୍ରତିବନ୍ଧକ ରହିଥିଲା ବିଖଣ୍ଡିତ ସେବା ଯୋଗାଣ, ଜଟିଳ ପ୍ରକ୍ରିୟା, ସଚେତନତାର ଅଭାବ, କାଗଜପତ୍ରର ଅଭାବ ଏବଂ ଉପଯୁକ୍ତ ସମନ୍ୱୟର ଅଭାବ ପାଇଁ ଏହି ଅସହାୟ ପରିବାରଗୁଡ଼ିକୁ ସରକାରୀ ବ୍ୟବସ୍ଥା ବୁଝିବା ଓ ସାହାଯ୍ୟ କରିବା ପାଇଁ କୌଣସି ସମର୍ପିତ ବ୍ୟବସ୍ଥା ନଥିଲା ।

ଏହି ଗୁରୁତ୍ୱପୂର୍ଣ୍ଣ ବ୍ୟବଧାନକୁ ପୂରଣ କରିବା ପାଇଁ 'ସହଯୋଗ'ର କଳ୍ପନା କରାଯାଇଥିଲା ଯାହା ସହଯୋଗିତା, ଭାଗୀଦାରୀ ଏବଂ ସାମୂହିକ ସମର୍ଥନକୁ ସୂଚିତ କରେ । ଏହା କେବଳ ଏକ ସରକାରୀ ଯୋଜନା ନୁହେଁ, ବରଂ ନାଗରିକ-କେନ୍ଦ୍ରିକ ଶାସନ ପ୍ରଣାଳୀରେ ଏକ ନୂତନ ଦିଗଦର୍ଶନ । ଓଡ଼ିଶାର ବସ୍ତି ରୂପାନ୍ତରଣ ଅଭିଯାନ ସମୟରେ ବର୍ଷ ବର୍ଷର ସମୁଦାୟ ସହଭାଗିତାରୁ ଆବିର୍ଭୂତ ହୋଇଥିବା 'ସହଯୋଗ' ଏକ ସରଳ କିନ୍ତୁ ଗଭୀର ବାସ୍ତବତାକୁ ସ୍ୱୀକାର କରେ । ତଦନୁସାରେ, ଏହି କାର୍ଯ୍ୟକ୍ରମ ଏକ ମୌଳିକ ପ୍ରଶ୍ନକୁ ନେଇ ଜନସେବା ଯୋଗାଣକୁ ନୂତନ ମୋଡ଼ ଦେଇଛି । ଏହି ପରିବାରର ଆବଶ୍ୟକତା କ'ଣ, ଏବଂ ସରକାରୀ ବ୍ୟବସ୍ଥା କିପରି ସୁନିଶ୍ଚିତ କରିପାରିବ ଯେ ସେମାନଙ୍କର ପ୍ରତ୍ୟେକ ଯୋଗ୍ୟ ପ୍ରାପ୍ୟ ସେମାନଙ୍କ ପାଖରେ ପହଞ୍ଚିପାରିବ ?

'ସହଯୋଗ'ର ଏକ ମୁଖ୍ୟ ଶକ୍ତି ହେଉଛି ଏହାର ସହଯୋଗାତ୍ମକ ବ୍ୟବସ୍ଥା (ଇକୋସିଷ୍ଟମ୍) । ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ କୌଶଳଗତ ନେତୃତ୍ୱ ଏବଂ ନୀତିଗତ ଦିଗଦର୍ଶନ ପ୍ରଦାନ କରୁଥିବା ବେଳେ, ପୌରସଂସ୍ଥା (Urban Local Bodies) ଗୁଡ଼ିକ ତୃଣମୂଳ ସ୍ତରରେ କାର୍ଯ୍ୟାନ୍ୱୟନକୁ ଆଗେଇ ନେଉଛନ୍ତି । ଟାଟା ଷ୍ଟିଲ୍ ଫାଉଣ୍ଡେସନ୍ ଏବଂ ଟାଟା ଟ୍ରଷ୍ଟସ୍ ସେମାନଙ୍କର ବ୍ୟାପକ ସମୁଦାୟ ସଂଗଠନ ଓ କ୍ଷେତ୍ରୀୟ ବିଶେଷଜ୍ଞତା ପ୍ରଦାନ କରୁଛନ୍ତି । ଓଡ଼ିଶା କମ୍ପ୍ୟୁଟର ଆପ୍ଲିକେସନ୍ ସେଣ୍ଟର (OCAC) ଏହାର ଡିଜିଟାଲ୍ ଭିତ୍ତିଭୂମିକୁ ସଶକ୍ତ କରୁଛି, ଏବଂ ସ୍ୱୟଂ ସହାୟକ ଗୋଷ୍ଠୀ, ୱାର୍ଡ ସ୍ୱେଚ୍ଛାସେବୀ ଓ ଲୋକପ୍ରତିନିଧି ମାନେ ଶେଷ ସୀମା ପର୍ଯ୍ୟନ୍ତ ସେବା ପହଞ୍ଚାଇବା ବ୍ୟବସ୍ଥାକୁ ସୁଦୃଢ଼ କରୁଛନ୍ତି । ଏହି ସହଯୋଗାତ୍ମକ ଢାଞ୍ଚା 'ଅଙ୍କୁର' (ANKUR) ପ୍ଲାଟଫର୍ମ ମାଧ୍ୟମରେ ଅଧିକ ସୁଦୃଢ଼ ହୋଇଛି, ଯାହା ନବୋନ୍ମେଷ, ସମନ୍ୱୟ ଏବଂ ସାମୂହିକ ସମସ୍ୟା ସମାଧାନ ପାଇଁ ନାଗରିକ ସଂଗଠନ, ଅନୁଷ୍ଠାନ ଏବଂ ସହରୀ ବିଶେଷଜ୍ଞମାନଙ୍କୁ ଗୋଟିଏ ମଞ୍ଚକୁ ଆଣିଥାଏ ।

'ସହଯୋଗ'ର ମୂଳପିଣ୍ଡ ହେଉଛି ସରକାରୀ ଲୋକହିତକର ଯୋଜନାରେ ଜନସାଧାରଣଙ୍କୁ ଶତ ପ୍ରତିଶତ ସାମିଲ କରିବା । ସୂଚାରୁରୂପେ ଗୃହ ସର୍ବେକ୍ଷଣ ମାଧ୍ୟମରେ ବିଭିନ୍ନ ଗୋଷ୍ଠୀ ମଧ୍ୟରେ ଥିବା ସମସ୍ୟା ଓ ଅସହାୟତାକୁ ଚିହ୍ନଟ କରାଯାଏ । ସେହିପରି ତାଲିମପ୍ରାପ୍ତ ଆଗୁଆ ସୁବିଧାଦାତାମାନେ ସମସ୍ତ ପୌରସଂସ୍ଥାରେ ଡିଜିଟାଲ୍ ପ୍ଲାଟଫର୍ମ ବ୍ୟବହାର କରି ଯୋଜନାର ଯୋଗ୍ୟତା ତୁରନ୍ତ (real time) ଆକଳନ କରିବା । ପୃଥକ୍ ପୃଥକ୍ ଭାବେ ସୁବିଧା ପ୍ରଦାନ କରିବା ଏହି ପଦକ୍ଷେପ ବ୍ୟକ୍ତିଗତ ପରିବାରଗୁଡ଼ିକୁ କେନ୍ଦ୍ର କରି ଏକାଧିକ କଲ୍ୟାଣକାରୀ ଯୋଜନାର ସମନ୍ୱୟ କରିଥାଏ କ୍ଷ ଏହା ବିଖଣ୍ଡିତ ସେବା ଯୋଗାଣକୁ ଏକ ସମନ୍ୱିତ, ନାଗରିକ-କେନ୍ଦ୍ରିକ ମଡେଲରେ ପରିଣତ କରେ ଏବଂ ସ୍ଥାୟୀ ସାମାଜିକ ଓ ଆର୍ଥିକ ପ୍ରଭାବ ସୃଷ୍ଟି କରେ ।

କେବଳ ସାମାଜିକ ସୁରକ୍ଷା ଦୀର୍ଘକାଳୀନ ସାମାଜିକ ଅଗ୍ରଗତିର ଗ୍ୟାରେଣ୍ଟି ଦେଇପାରିବ ନାହିଁ ବୋଲି ହୃଦବୋଧ କରି, ଓଡ଼ିଶା 'ମୁଖ୍ୟମନ୍ତ୍ରୀ ସ୍ମାର୍ଟ ସିଟି ମିଶନ୍' (CMSCM) ଅଧୀନରେ 'ସହଯୋଗ ପ୍ଲସ୍' ମାଧ୍ୟମରେ ଏହି ଅଭିଯାନକୁ ଆହୁରି ବ୍ୟାପକ କରାଯାଇଛି । ଏହି ପରବର୍ତ୍ତୀ ପର୍ଯ୍ୟାୟ ପ୍ରାପ୍ୟ ଯୋଗାଣ ସହିତ ବାସ ସ୍ଥାନର ଉନ୍ନତିକୁ ଯୋଡ଼ିଥାଏ, ଯାହା ଯୋଗ୍ୟ ପରିବାରଗୁଡ଼ିକୁ 'ପ୍ରଧାନମନ୍ତ୍ରୀ ଆବାସ ଯୋଜନା-ସହରୀ' (PMAY-U) ଏବଂ ରାଜ୍ୟର 'PMAY-(U) ବନ୍ଧୁ' ଯୋଜନା ଅଧୀନରେ ଗୃହ ନିର୍ମାଣ ସୁଯୋଗ ସହ ଯୋଡ଼ିଥାଏ । ସୁରକ୍ଷିତ ଆବାସ, ଉନ୍ନତ ଭିତ୍ତିଭୂମି ଏବଂ ଆବଶ୍ୟକୀୟ ପୌରସେବା ପ୍ରାପ୍ତି ମିଶି ସ୍ୱାଭିମାନ, ସହନଶୀଳତା ଏବଂ ନିରନ୍ତର ଆର୍ଥିକ ପ୍ରଗତିର ଭିତ୍ତିଭୂମି ସୃଷ୍ଟି କରେ ।

ଏହି ସମନ୍ୱିତ ଆଭିମୁଖ୍ୟର ପ୍ରଭାବ ଉଭୟ ମାନଦଣ୍ଡ ଏବଂ ଉଲ୍ଲେଖନୀୟ । ୬.୬୦ ଲକ୍ଷରୁ ଅଧିକ ସହରାଞ୍ଚଳ ପରିବାର, ଯେଉଁଥିରେ ୨୦.୭୪ ଲକ୍ଷ ବ୍ୟକ୍ତି ଅନ୍ତର୍ଭୁକ୍ତ, ସେମାନଙ୍କୁ ସହରୀ ସାମାଜିକ ସୁରକ୍ଷା ବ୍ୟବସ୍ଥା ଭିତରକୁ ଅଣାଯାଇଛି । ୩.୨୫ ଲକ୍ଷରୁ ଅଧିକ ଆବେଦନକୁ ସହଜ କରାଯାଇଛି, ଯାହା ଫଳରେ ୨.୫୨ ଲକ୍ଷରୁ ଅଧିକ ସଫଳ ଯୋଜନା ସଂଯୋଗ ସମ୍ଭବ ହୋଇପାରିଛି । ସାରା ରାଜ୍ୟରେ କାର୍ଯ୍ୟରତ ୧୦,୦୦୦ରୁ ଅଧିକ ଆଗ ଧାଡିର ସେବାଦାତାଙ୍କ ନେଟୱର୍କ ଦ୍ୱାରା ଅସହାୟ ନାଗରିକଙ୍କ ପାଇଁ ନିକଟତର ୧୦,୦୦୦ କୋଟି ଟଙ୍କାର ସରକାରୀ ସୁବିଧା ଉପଲବ୍ଧ କରାଯାଇପାରିଛି । ତଥାପି 'ସହଯୋଗ'ର ପ୍ରକୃତ ସଫଳତା କେବଳ ପରିସଂଖ୍ୟାନ ଦ୍ୱାରା ସୀମିତ ରହିପାରିବ ନାହିଁ । ଏହା ଜଣେ ବୃଦ୍ଧ ନାଗରିକଙ୍କ ବହୁପ୍ରତୀକ୍ଷିତ ପେନସନ ପାଇବାରେ, ଜଣେ ଭିନ୍ନକ୍ଷମ ବ୍ୟକ୍ତି ଆବଶ୍ୟକ ସହାୟତା ପାଇବାରେ, ଏକ ଅସହାୟ ପରିବାର ସ୍ଥାୟୀ ଘରଟିଏ ପାଇବାରେ ଏବଂ ଗୋଟିଏ ଶିଶୁ ବଡ଼ ଆଶା ଓ ସୁଯୋଗ ସହ ବଡ଼ ହେବାରେ ପ୍ରତିଫଳିତ ହୁଏ ।

ଓଡ଼ିଶା ଯେତେବେଳେ 'ବିକଶିତ ଭାରତ ଅ୨୦୪୭'ର ଜାତୀୟ ଆକାଂକ୍ଷାରେ ଯୋଗଦାନ ଦେବା ସହ 'ବିକଶିତ ଓଡ଼ିଶା ୨୦୩୬'ର ଦୂରଦୃଷ୍ଟି ଆଡ଼କୁ ଆତ୍ମ ବିଶ୍ୱାସର ସହ ଆଗେଇ ଚାଲିଛି, 'ସହଯୋଗ' ଅନ୍ତ୍ୟୋଦୟର ଆଦର୍ଶର ଏକ ଜୀବନ୍ତ ପ୍ରତୀକ ଭାବରେ ଛିଡ଼ା ହୋଇଛି । ଏହା ପୁନଃପ୍ରତିପାଦିତ କରେ ଯେ, ବିକାଶ ସେତେବେଳେ ଅର୍ଥପୂର୍ଣ୍ଣ ହୁଏ ଯେତେବେଳେ ଏହା ସମାବେଶୀ, ସମ୍ବେଦନଶୀଳ ଏବଂ ସମସ୍ତଙ୍କ ପାଇଁ ପହଞ୍ଚ ଯୋଗ୍ୟ ହୋଇଥାଏ । ପଣ୍ଡିତ ଦୀନଦୟାଲ ଉପାଧ୍ୟାୟଙ୍କ ଦୂରଦୃଷ୍ଟି ପ୍ରତି ପ୍ରକୃତ ଶ୍ରଦ୍ଧାଞ୍ଜଳି କେବଳ ତାଙ୍କ ଦର୍ଶନକୁ ମନେ ରଖିବାରେ ନାହିଁ, ବରଂ ତାହାକୁ କାର୍ଯ୍ୟରେ ପରିଣତ କରିବାରେ ରହିଛି—ଯାହା ସୁନିଶ୍ଚିତ କରେ ଯେ ଶେଷ ନାଗରିକ ବିକାଶର ଲାଭ ପାଇବାରେ ଶେଷ ବ୍ୟକ୍ତି ନୁହଁନ୍ତି, ବରଂ ଏହାର ରୂପାନ୍ତରଣକାରୀ ସୁଫଳ ଅନୁଭବ କରିବାରେ ପ୍ରଥମ ବ୍ୟକ୍ତି ହୁଅନ୍ତୁ ।

ମାନ୍ୟବର ମନ୍ତ୍ରୀ, ଗୃହ ନିର୍ମାଣ ଓ ନଗର ଉନ୍ନୟନ ଏବଂ ସରକାରୀ ଉଦ୍ୟୋଗ ବିଭାଗ, ଓଡ଼ିଶା ସରକାର

# ଓଡିଶାର କଳାତ୍ମକ ପରମ୍ପରା

ଭାରତବର୍ଷର ସାଂସ୍କୃତିକ ଐତିହ୍ୟ ଏବଂ ପାରମ୍ପରିକ ହସ୍ତଶିଳ୍ପ ମଧ୍ୟରେ ବା ତନ୍ତବୁଣା ଶିଳ୍ପ ଏକ ଅନନ୍ୟ ସ୍ଥାନ ଅଧିକାର କରି ରହିଛି, ଯାହାକି କେବଳ ପୋଷାକ ପରିଧାନର ଏକ ମାଧ୍ୟମ ନୁହେଁ, ବରଂ ଏହା ଦେଶର କୋଟି କୋଟି କାରିଗର, ତନ୍ତୀ ଏବଂ ବୁଣାକାରମାନଙ୍କର ଜୀବିକା, ସୃଜନଶୀଳତା ଏବଂ ଆତ୍ମସମ୍ମାନର ପ୍ରତୀକ ଅଟେ । ପ୍ରତିବର୍ଷ ଅଗଷ୍ଟ ୭ ତାରିଖକୁ ସମଗ୍ର ଦେଶରେ 'ଜାତୀୟ ହସ୍ତତନ୍ତ ଦିବସ' ଭାବେ ବେଶ୍ ଉତ୍ସାହ ଓ ଗର୍ବର ସହ ପାଳନ କରାଯାଏ, ଯାହା ପଛରେ ରହିଛି ଏକ ଗୁରୁତ୍ୱପୂର୍ଣ୍ଣ ଐତିହାସିକ ପୃଷ୍ଠଭୂମି । ୧୯୦୫ ମସିହା ଅଗଷ୍ଟ ୭ ତାରିଖରେ କଲିକତା ସହରର ଟାଉନ୍ ହଲରେ ବ୍ରିଟିଶ ଶାସନ ବିରୋଧରେ ଏବଂ ଦେଶୀୟ ଶିଳ୍ପ ଓ ବସ୍ତୁକୁ ପ୍ରୋତ୍ସାହିତ କରିବା ପାଇଁ 'ସ୍ୱଦେଶୀ ଆନ୍ଦୋଳନ'ର ବିଧିବଦ୍ଧ ଶୁଭାରମ୍ଭ ହୋଇଥିଲା । ସେହି ଐତିହାସିକ ଦିନଟିର ସ୍ମୃତିକୁ ସବୁବେଳେ ଜୀବନ୍ତ ରଖିବା ପାଇଁ ଏବଂ ଦେଶର ତନ୍ତବୁଣା ସମ୍ପଦକୁ ବିଶ୍ୱସ୍ତରରେ ଆସନ ପ୍ରଦାନ କରିବା ନିମନ୍ତେ ଭାରତ ସରକାର ୨୦୧୫ ମସିହାରୁ ଅଗଷ୍ଟ ୭କୁ ଜାତୀୟ ହସ୍ତତନ୍ତ ଦିବସ ଭାବେ ଘୋଷଣା କରିଥିଲେ । ଏହି ଦିବସ ପାଳନ କରିବାର ମୁଖ୍ୟ ଉଦ୍ଦେଶ୍ୟ ହେଲା ସାଧାରଣ ଜନତାଙ୍କୁ ହସ୍ତତନ୍ତର ମହତ୍ୱ ସମ୍ପର୍କରେ ଅବଗତ କରାଇବା, ଗ୍ରାମାଚଂଳର ବୁଣାକାରମାନଙ୍କୁ ଆର୍ଥିକ ଏବଂ ସାମାଜିକ ଭାବେ ସଶକ୍ତ କରିବା ଏବଂ ଆମର ପ୍ରାଚୀନ ହସ୍ତକଳାକୁ ସୁରକ୍ଷା ଯୋଗାଇବା । ବିଶେଷ କରି ଓଡିଶା ପରି ଏକ କଳା ଓ ସଂସ୍କୃତି ସମ୍ପନ୍ନ ରାଜ୍ୟ ପାଇଁ ଏହି ଦିବସର ମହତ୍ୱ ଅତ୍ୟନ୍ତ ଗଭୀର ଓ ବ୍ୟାପକ ଅଟେ, କାରଣ ଓଡିଶାର ତନ୍ତବୁଣା କଳା କେବଳ ଦେଶ ଭିତରେ ନୁହେଁ, ବରଂ ଆନ୍ତର୍ଜାତୀୟ ବଜାରରେ ମଧ୍ୟ ନିଜର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଛି । ଓଡିଶାର ପାରମ୍ପରିକ ହସ୍ତତନ୍ତ ଶିଳ୍ପ ଯେପରିକି ସମ୍ବଲପୁରୀ ବାନ୍ଧ, ବାମଡା, ଖଣ୍ଡୁଆ ପାଟ, ବ୍ରହ୍ମପୁରୀ ପାଟ, କୋଟପାଡ ଶାଢୀ ଏବଂ ନୂଆପାଟଣା କଟକୀ ଲୁଗା ଆଜି ମଧ୍ୟ ବିଶ୍ୱର ଚାହିଦାକୁ ନିଜର ନିଖୁଣ କାରୁକାର୍ଯ୍ୟ ଏବଂ ପ୍ରାକୃତିକ ରଙ୍ଗର ବ୍ୟବହାର ଦ୍ୱାରା ପ୍ରଭାବିତ କରିଆସୁଛି । ଏହି ସମସ୍ତ ବସ୍ତୁଗୁଡିକ ନିର୍ମାଣ ପ୍ରକ୍ରିୟା ସମ୍ପୂର୍ଣ୍ଣ ରୂପେ ପରିବେଶ ଅନୁକୂଳ ଅଟେ, ଯେଉଁଥିରେ ଅଧିକ ବିଦ୍ୟୁତ୍ ଶକ୍ତି କିମ୍ବା ଯନ୍ତ୍ରପାତିର ଆବଶ୍ୟକତା ପଡେ ନାହିଁ ଏବଂ ପ୍ରକୃତିର କୋଳରେ ରହି ବୁଣାକାରମାନେ ସେମାନଙ୍କର ହାତର ଯାଦୁ ଦ୍ୱାରା ସୂତାକୁ ଅଦ୍ଭୁତ କଳାକୃତିରେ ପରିଣତ କରନ୍ତି । ବର୍ତ୍ତମାନର ସମୟରେ ଯେତେବେଳେ ସମଗ୍ର ବିଶ୍ୱ ଦ୍ରୁତଗତିରେ ପରିବର୍ତ୍ତିତ ଫ୍ୟାଶନ ଏବଂ ମେସିନ୍ ଦ୍ୱାରା ପ୍ରସ୍ତୁତ କୃତ୍ରିମ ପୋଷାକ ଆଡକୁ ଆକର୍ଷିତ ହେଉଛି, ସେତେବେଳେ ହସ୍ତତନ୍ତ ଶିଳ୍ପ କିଛି ଗମ୍ଭୀର ଆହ୍ୱାନର ସମ୍ମୁଖୀନ ହେଉଛି । ଆଜିର ବଜାରରେ ଶସ୍ତା ପାୱାରଲୁମ୍ (ପାୱାର ଲୁମ୍ ବା ଯନ୍ତ୍ରପାତି ତନ୍ତ) ସାମଗ୍ରୀଗୁଡିକ ପ୍ରତିଯୋଗିତାରେ ଆସି ହସ୍ତତନ୍ତର ପ୍ରକୃତ ମୂଲ୍ୟକୁ କମାଇ ଦେଉଛନ୍ତି, ଯାହାଫଳରେ ଅନେକ ଗରିବ ବୁଣାକାର ସଠିକ୍ ପାରିଶ୍ରମିକ ନପାଇ ଏହି ପାରମ୍ପରିକ ବୃତ୍ତିରୁ ମୁହଁ ଫେରାଇ ନେବାକୁ ବାଧ୍ୟ ହେଉଛନ୍ତି । ସୂତା, ରଙ୍ଗ ଏବଂ ଅନ୍ୟାନ୍ୟ କଂଚାମାଲର ଦରବୃଦ୍ଧି ବୁଣାକାରମାନଙ୍କ ପାଇଁ ଏକ ବଡ ଆର୍ଥିକ ବୋଝ ପାଲଟିଛି ଏବଂ ନୂତନ ପିଢିର ଲୋକମାନେ ଉଚ୍ଚ ରୋଜଗାର ଏବଂ ସହଜ ଜୀବନଶୈଳୀରେ ଆଶାରେ ଏହି ପାରମ୍ପରିକ କଳାରୁ ଦୂରେଇ ଯାଉଛନ୍ତି । ତଥାପି, ଏହି ସମସ୍ତ ପ୍ରତିକୂଳ ପରିସ୍ଥିତି ମଧ୍ୟରେ ହସ୍ତତନ୍ତର ଭବିଷ୍ୟତ ଅତି ଉଜ୍ଜ୍ୱଳ ଏବଂ ପ୍ରତିଶ୍ରୁତିବଦ୍ଧ ରହିଛି, ଯଦି ସମୟୋଚିତ ପଦକ୍ଷେପ ଏବଂ ସଚେତନତା ଗ୍ରହଣ କରାଯାଏ । ଭାରତ ସରକାର ଏବଂ ଓଡିଶା ସରକାରଙ୍କ ଦ୍ୱାରା ବୁଣାକାରମାନଙ୍କ କଲ୍ୟାଣ ନିମନ୍ତେ ବିଭିନ୍ନ ଯୋଜନା ଯେପରିକି 'ଜାତୀୟ ହସ୍ତତନ୍ତ ବିକାଶ କାର୍ଯ୍ୟକ୍ରମ', 'ମୁଦ୍ରା ସୂତା ଯୋଗାଣ ଯୋଜନା' ଏବଂ 'ବୁଣାକାର କ୍ରେଡିଟ୍ କାର୍ଡ' ଆଦି କାର୍ଯ୍ୟକାରୀ କରାଯାଉଛି, ଯାହାଦ୍ୱାରା ସେମାନଙ୍କୁ ସୁଲଭ ମୂଲ୍ୟରେ ସୂତା ଏବଂ ଆର୍ଥିକ ସହାୟତା ମିଳିପାରୁଛି । ବର୍ତ୍ତମାନର ଡିଜିଟାଲ୍ ଯୁଗରେ ଇ-କମର୍ସ ପ୍ଲାଟଫର୍ମ ଏବଂ ସୋସିଆଲ ମିଡିଆର ବ୍ୟାପକ ପ୍ରଚାର ଯୋଗୁଁ ଓଡିଶାର ତନ୍ତବୁଣା ଶାଢୀ ଓ ପୋଷାକଗୁଡିକ ବିଶ୍ୱର ଯେକୌଣସି କୋଣରୁ ଅତି ସହଜରେ କ୍ରୟ କରାଯାଇପାରୁଛି, ଯାହା ବୁଣାକାରମାନଙ୍କୁ ସିଧାସଳଖ ବଜାର ସହ ଯୋଡିବାରେ ସାହାଯ୍ୟ କରୁଛି । ଯୁବ ପିଢିର ଫ୍ୟାଶନ୍ ଡିଜାଇନରମାନେ ପାରମ୍ପରିକ ଓଡିଆ ବାନ୍ଧ କଳାକୁ ଆଧୁନିକ ପୋଷାକ ଶୈଳୀ ସହିତ ମିଶ୍ରଣ କରି ଏକ ନୂତନ ଧାରା ସୃଷ୍ଟି କରୁଛନ୍ତି, ଯାହାଫଳରେ ଆଜିର ଯୁବବର୍ଗ ମଧ୍ୟ ହସ୍ତତନ୍ତ ପୋଷାକ ପିନ୍ଧିବାକୁ ଗର୍ବ ଅନୁଭବ କରୁଛନ୍ତି । ମହିଳା ସଶକ୍ତିକରଣ ଦୃଷ୍ଟିରୁ ମଧ୍ୟ ହସ୍ତତନ୍ତ କ୍ଷେତ୍ରର ଅବଦାନ ଅତୁଳନୀୟ, କାରଣ ଏହି ଶିଳ୍ପରେ ଶତକଡା ପ୍ରାୟ ସତୁରୀ ଭାଗରୁ ଅଧିକ କର୍ମଚାରୀ ଓ କାରିଗର ମହିଳା ଅଟନ୍ତି, ଯାହା ଗ୍ରାମାଚଂଳର ମହିଳାମାନଙ୍କୁ ଆର୍ଥିକ ଭାବେ ସ୍ୱାବଲମ୍ବୀ କରିବାରେ ପ୍ରମୁଖ ଭୂମିକା ଗ୍ରହଣ କରୁଛି । ଆମକୁ ମନେ ରଖିବାକୁ ପଡିବ ଯେ ହସ୍ତତନ୍ତ କେବଳ କେତୋଟି ସୂତାର ସମାହାର ନୁହେଁ, ବରଂ ଏହା ଆମର ସଂସ୍କୃତି, ଇତିହାସ ଏବଂ ପରମ୍ପରାର ଏକ ଜୀବନ୍ତ ଦସ୍ତାବେଜ୍ ଅଟେ । ଜାତୀୟ ହସ୍ତତନ୍ତ ଦିବସ ଅବସରରେ ଆମ ସମସ୍ତଙ୍କର ନୈତିକ ଦାୟିତ୍ୱ ହେଉଛି 'ଭୋକାଲ ଫର ଲୋକାଲ୍' (ଠକ୍ଳମବକ୍ଷ ଲକ୍ଳକ୍ସ ଖକ୍ଳ-ମବକ୍ଷ) ମନ୍ତ୍ରକୁ ଆପଣାଇ ସ୍ୱଦେଶୀ ହସ୍ତତନ୍ତ ସାମଗ୍ରୀ କ୍ରୟ କରିବା ଏବଂ ଆମର ସେହି କଷ୍ଟସହିଷ୍ଣୁ ବୁଣାକାର ଭାଇଭଉଣୀମାନଙ୍କୁ ପ୍ରୋତ୍ସାହିତ କରିବା, ଯାହାଦ୍ୱାରା ସେମାନଙ୍କର ହାତର ଯାଦୁ ଓ କଳା ଅକ୍ଷୁର୍ଣ୍ଣ ରହିପାରିବ ଏବଂ ଆଗାମୀ ପିଢି ପାଇଁ ଏହି ଗୌରବମୟ ଧାରା ସୁରକ୍ଷିତ ହୋଇ ରହିପାରିବ । ଓଡିଶାର ହସ୍ତତନ୍ତ ପରମ୍ପରାର ଅଭିବୃଦ୍ଧି ପାଇଁ ସରକାରୀ ପ୍ରୋତ୍ସାହନ ସାଙ୍ଗକୁ ସାଧାରଣ ଜନତାଙ୍କ ସଚେତନତା ନିହାତି ଜରୁରୀ, କାରଣ ଏହା କେବଳ ଏକ ବ୍ୟବସାୟ ନୁହେଁ ବରଂ ଆମ ମାଟିର ସୁଗନ୍ଧ ଏବଂ ସଂସ୍କୃତିର ପ୍ରତିଫଳନ ଅଟେ । ଆଜିର ଦିନରେ ବିଦେଶୀ ବ୍ରାଣ୍ଡର ଅନୁକରଣ କରିବା ବଦଳରେ ନିଜ ରାଜ୍ୟର ସମ୍ବଲପୁରୀ, ବ୍ରହ୍ମପୁରୀ କିମ୍ବା ଖଣ୍ଡୁଆ ପାଟକୁ ଦୈନନ୍ଦିନ ପୋଷାକରେ ସ୍ଥାନ ଦେଲେ ବୁଣାକାରଙ୍କ ପରିବାର ମୁହଁରେ ହସ ଫୁଟିପାରିବ । ବିଶ୍ୱସ୍ତରୀୟ ଫ୍ୟାଶନ୍ ଜଗତରେ ଓଡିଆ ତନ୍ତର ଚାହିଦା ବୃଦ୍ଧି ପାଇଁ ଅଧିକରୁ ଅଧିକ ପ୍ରଦର୍ଶନୀ, ଫ୍ୟାଶନ୍ ଶୋ ଏବଂ ଅନ୍ତର୍ଜାତୀୟ ବଜାର ସଂଯୋଗର ଆବଶ୍ୟକତା ରହିଛି । ଯଦି ଆମେ ସମସ୍ତେ ମିଶି ସ୍ୱଦେଶୀ ହସ୍ତତନ୍ତ ବ୍ୟବହାର କରିବାର ପ୍ରତିଜ୍ଞା ନେବା, ତେବେ ଏହି ପାରମ୍ପରିକ ଶିଳ୍ପ ଆହୁରି ଅଧିକ ଗୌରବ ଅର୍ଜନ କରିବ । ଜାତୀୟ ହସ୍ତତନ୍ତ ଦିବସ କେବଳ ଏକ କ୍ୟାଲେଣ୍ଡରର ପର୍ବ ନୁହେଁ, ବରଂ ଏହା ଆମର ସାଂସ୍କୃତିକ ଗୌରବ, ଆତ୍ମନିର୍ଭରଶୀଳତା ଏବଂ ପ୍ରାଚୀନ ଐତିହ୍ୟ ପ୍ରତି ଆମର ଗଭୀର ନିଷ୍ଠା ଓ ପ୍ରତିବଦ୍ଧତାର ଏକ ମହାନ ପ୍ରତୀକ ଅଟେ, ଯାହା ଅତୀତର ସୁବର୍ଣ୍ଣ ଇତିହାସକୁ ବର୍ତ୍ତମାନର ବାସ୍ତବତା ସହ ଏବଂ ଭବିଷ୍ୟତର ଉଜ୍ଜ୍ୱଳ ସମ୍ଭାବନା ସହ ସୂତା ପରି ସୂକ୍ଷ୍ମ ଭାବରେ ବାନ୍ଧି ରଖିଥାଏ । ଓଡିଶାର ପବିତ୍ର ମାଟିରେ ଜନ୍ମ ନେଇଥିବା ସମ୍ବଲପୁରୀ, ବାମଡା, ଖଣ୍ଡୁଆ, ବ୍ରହ୍ମପୁରୀ ପାଟ ଏବଂ କୋଟପାଡ ଭଳି ଅମୂଲ୍ୟ ହସ୍ତତନ୍ତ କଳାକୃତିଗୁଡିକ କେବଳ କିଛି ସୂତାର କାରୁକାର୍ଯ୍ୟ ନୁହେଁ, ବରଂ ଏହା ହେଉଛି ଆମର ରାଜ୍ୟର ଅଗଣିତ ମୂକ ଓ ପରିଶ୍ରମୀ ବୁଣାକାରମାନଙ୍କର ଲୁହ, ଝାଳ, ସ୍ୱପ୍ନ ଏବଂ ସୃଜନଶୀଳତାର ଏକ ଜୀବନ୍ତ ଦସ୍ତାବେଜ୍, ଯେଉଁମାନେ ନିଜର ଆଙ୍ଗୁଠିର ଜାଦୁ ବଳରେ ତନ୍ତଶାଳାରେ ଇତିହାସ ରଚି ଚାଲିଛନ୍ତି । ବର୍ତ୍ତମାନର ଏହି ଅତ୍ୟାଧୁନିକ ମେସିନ୍ ଯୁଗରେ ଯେତେବେଳେ ଶସ୍ତା କୃତ୍ରିମ ବସ୍ତୁ ଏବଂ ପାୱାରଲୁମ୍ ସାମଗ୍ରୀଗୁଡିକ ବଜାରକୁ କବ୍ଜା କରିନେଇଛନ୍ତି, ସେତେବେଳେ ଆମର ଏହି ପାରମ୍ପରିକ ହସ୍ତତନ୍ତ ଶିଳ୍ପକୁ ବଂଚାଇ ରଖିବା ଏବଂ ଏହାର ଅସ୍ତିତ୍ୱକୁ ସୁରକ୍ଷାଦେବା ଆମ ସମସ୍ତଙ୍କର ଏକ ସାମୂହିକ ଏବଂ ନୈତିକ ଦାୟିତ୍ୱ ହୋଇପଡିଛି, ଯାହାକି କେବଳ ସରକାରୀ ଯୋଜନା କିମ୍ବା ଆର୍ଥିକ ସହାୟତା ଦ୍ୱାରା ସମ୍ଭବ ହୋଇନପାରେ, ବରଂ ଏଥିପାଇଁ ସାଧାରଣ ଜନତାଙ୍କ ମାନସିକତାରେ ଏକ ବଡ ପରିବର୍ତ୍ତନ ଆବଶ୍ୟକ ରହିଛି । ଯଦି ଆମେ ପ୍ରତ୍ୟେକ ଆମର ଦୈନନ୍ଦିନ ପୋଷାକ ପରିଧାନ ଏବଂ ବିଶେଷ ଉତ୍ସବ, ପର୍ବପର୍ବାଣୀ ଏବଂ ବିବାହ କାର୍ଯ୍ୟକ୍ରମରେ ବିଦେଶୀ କିମ୍ବା କୃତ୍ରିମ ବ୍ରାଣ୍ଡ ବଦଳରେ ଓଡିଶାର ମୌଳିକ ତନ୍ତବୁଣା ଶାଢୀ ଓ ପୋଷାକୁ ଗର୍ବର ସହ ଆପଣାଇବା, ତେବେ ଏହା ସେହି ଗରିବ ବୁଣାକାରମାନଙ୍କ ପରିବାରରେ ଆର୍ଥିକ ସ୍ୱଚ୍ଛଳତା ଆଣିଦେବା ସହିତ ସେମାନଙ୍କ ମୁହଁରେ ଏକ ପ୍ରକୃତ ହସ ଫୁଟାଇ ପାରିବ । ଆଜିର ଯୁବପିଢି ଏବଂ ଫ୍ୟାଶନ୍ ଡିଜାଇନରମାନେ ଆଗାମୀ ଦିନରେ ଏହି ପାରମ୍ପରିକ କଳାକୁ ଆଧୁନିକ ଫ୍ୟାଶନ୍ ଧାରା ସହିତ ସଫଳ ଭାବରେ ସଂଯୋଗ କରି ବିଶ୍ୱସ୍ତରୀୟ ବଜାରରେ ଏକ ନୂତନ ବିପ୍ଳବ ସୃଷ୍ଟି କରିପାରିବେ, ଯାହା ଫଳରେ ଆମର ରାଜ୍ୟର କଳା ବିଦେଶୀ ମାଟିରେ ମଧ୍ୟ ଆଦରଲାଭ କରିବ । ଆସନ୍ତୁ, ଏହି ଜାତୀୟ ହସ୍ତତନ୍ତ ଦିବସର ପବିତ୍ର ଅବସରରେ ଆମେ ସମସ୍ତେ ଏକ ଦୃଢ ସଂକଳ୍ପ ନେବା ଯେ ଆମେ 'ଭୋକାଲ୍ ଫର ଲୋକାଲ୍' ମନ୍ତ୍ରକୁ କେବଳ ଏକ ସ୍ଲୋଗାନ ଭାବେ ସୀମିତ ନରଖି ନିଜ ଜୀବନଶୈଳୀର ଏକ ଅବିଚ୍ଛେଦ୍ୟ ଅଙ୍ଗ ଭାବେ ଗ୍ରହଣ କରିବା ଏବଂ ସ୍ୱଦେଶୀ ହସ୍ତତନ୍ତ ସାମଗ୍ରୀ କ୍ରୟ କରି ଆମର ସାଂସ୍କୃତିକ ଐତିହ୍ୟକୁ ସୁରକ୍ଷିତ ତଥା ଅକ୍ଷୁର୍ଣ୍ଣ ରଖିବା, ଯାହାଦ୍ୱାରା ଆମର ବୁଣାକାର ଭାଇଭଉଣୀମାନଙ୍କର ହାତର ଏହି ଅପୂର୍ବ କଳାକୃତି ଆଗାମୀ ଅନେକ ଶତାବ୍ଦୀ ଧରି ଏହି ଧରାପୃଷ୍ଠରେ ନିଜର ଦୀପ୍ତିମୟୀ ପ୍ରଭାବ ବିସ୍ତାର କରିଚାଲିବ ଏବଂ ଆମର ଓଡିଆ ଜାତିର ସ୍ୱାଭିମାନକୁ ବିଶ୍ୱଦରବାରରେ ସବୁଦିନ ପାଇଁ ଉଚ୍ଚା ରଖିବ ।

# ପଣ୍ଡିତ ନୀଳକଣ୍ଠ ଦାସ: ଓଡିଆ ଜାତିର ପ୍ରାଣପ୍ରତିଷ୍ଠାତା

**ସୌଭାଗ୍ୟ ମହାନ୍ତି**

ଓଡିଶାର ଇତିହାସ ପୃଷ୍ଠାରେ ଯେଉଁ କେତେଜଣ ମହାନ ମନୀଷୀ, ସାଧକ ଏବଂ ଦେଶପ୍ରେମୀଙ୍କ ପାଇଁ ଆଜି ଆମେ ଏକ ସ୍ୱାଧୀନ, ସ୍ୱତନ୍ତ୍ର ଏବଂ ଗର୍ବିତ ଓଡିଶାର ପରିଚୟ ପାଇଛୁ, ସେମାନଙ୍କ ଭିତରେ ପଣ୍ଡିତ ନୀଳକଣ୍ଠ ଦାସଙ୍କ ସ୍ଥାନ ଅତ୍ୟନ୍ତ ସ୍ୱତନ୍ତ୍ର, ଅନନ୍ୟ ଏବଂ ଅପରିହାର୍ଯ୍ୟ । ୧୮୮୪ ମସିହା ଅଗଷ୍ଟ ୫ ତାରିଖରେ ପୁରୀ ଜିଲ୍ଲାର ସତ୍ୟବାଦୀ ଅନ୍ତର୍ଗତ ଶ୍ରୀରାମଚନ୍ଦ୍ରପୁର ଶାସନରେ ଜନ୍ମଗ୍ରହଣ କରିଥିବା ଏହି ଅସାଧାରଣ ପ୍ରତିଭାସମ୍ପନ୍ନ ବ୍ୟକ୍ତିତ୍ୱ ଓଡିଶାର ସେହି ସମୟରେ ଆବିର୍ଭୂତ ହୋଇଥିଲେ ଯେତେବେଳେ ବ୍ରିଟିଶ ଶାସନ ଏବଂ ପଡୋଶୀ ରାଜ୍ୟମାନଙ୍କ ଚକ୍ରାନ୍ତରେ ଓଡିଆ ଜାତିର ଅସ୍ତିତ୍ୱ ବିପନ୍ନ ହୋଇପଡ଼ିଥିଲା । ତାଙ୍କର ପିତା ନାରାୟଣ ଦାସ ଏବଂ ମାତା ବିମଳା ଦେବୀଙ୍କ କୋଳରେ ଜନ୍ମନେଇଥିବା ନୀଳକଣ୍ଠ ପିଲାଦିନରୁ ଥିଲେ ଅତ୍ୟନ୍ତ ମେଧାବୀ, ବିଦ୍ରୋହୀ ଏବଂ ସତ୍ୟପ୍ରିୟ । ତାଙ୍କର ପ୍ରାରମ୍ଭିକ ଶିକ୍ଷା ଗ୍ରାମର ଚାଟଶାଳୀରୁ ଆରମ୍ଭ ହୋଇ ପୁରୀ ଏବଂ ପରେ କଲିକତା ବିଶ୍ୱବିଦ୍ୟାଳୟ ପର୍ଯ୍ୟନ୍ତ ବ୍ୟାପ୍ତ ଥିଲା, ଯେଉଁଠାରୁ ସେ ସଂସ୍କୃତ ଏବଂ ଦର୍ଶନଶାସ୍ତ୍ରରେ ଉଚ୍ଚଶିକ୍ଷା ଲାଭ କରିଥିଲେ । ସତ୍ୟବାଦୀ ବନବିଦ୍ୟାଳୟର ପ୍ରତିଷ୍ଠା ଓ ପରିଚାଳନାରେ ତାଙ୍କର ଭୂମିକା ଥିଲା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ, ଯେଉଁଠାରେ ସେ ପଣ୍ଡିତ ଗୋପବନ୍ଧୁ ଦାସ, ଆଚାର୍ଯ୍ୟ ହରିହର, ଗୋଦାବରୀଶ ମିଶ୍ର ଏବଂ କୃପାସନ୍ଧୁ ମିଶ୍ରଙ୍କ ସହିତ ମିଶି ଓଡିଶାରେ ଜାତୀୟ ଶିକ୍ଷାର ମୂଳଦୁଆ ପକାଇଥିଲେ । ଏହି ବନବିଦ୍ୟାଳୟ କେବଳ ପାଠପଢ଼ା କେନ୍ଦ୍ର ନଥିଲା, ବରଂ ଏହା ଥିଲା ଦେଶପ୍ରେମୀ, ସାହସୀ, ନିଃସ୍ୱାର୍ଥପର ଏବଂ ସମାଜସେବୀ ଯୁବକ ସୃଷ୍ଟି କରୁଥିବା ଏକ ଜୀବନ୍ତ କାରଖାନା । ପ୍ରକୃତିର କୋଳରେ ଗଛମୂଳେ ପାଠପଢ଼ା, ଛାତ୍ରମାନଙ୍କ ମଧ୍ୟରେ ଜାତିଭେଦ ନଥିବା ଏକ ସମାନ ବାତାବରଣ ଏବଂ ଶାରୀରିକ ତଥା ମାନସିକ ବିକାଶର ସମନ୍ୱୟ ଏହି ବିଦ୍ୟାଳୟର ମୁଖ୍ୟ ବିଶେଷତ୍ୱ ଥିଲା, ଯାହା ଭାରତବର୍ଷରେ ଏକ ଅନନ୍ୟ ପ୍ରୟୋଗ ଥିଲା । ପଣ୍ଡିତ ନୀଳକଣ୍ଠ ଦାସ ଏହି ବିଦ୍ୟାଳୟରେ ଛାତ୍ରମାନଙ୍କୁ କେବଳ ପୁସ୍ତକୀୟ ଜ୍ଞାନ ଦେଉନଥିଲେ, ବରଂ ସେମାନଙ୍କୁ ସମାଜର ମଙ୍ଗଳ ପାଇଁ ନିଜକୁ ଉତ୍ସର୍ଗ କରିବାକୁ ଶିକ୍ଷା ଦେଉଥିଲେ । ଶିକ୍ଷା କ୍ଷେତ୍ରରେ ତାଙ୍କର ଏହି ପରୀକ୍ଷା ଓଡ଼ିଶାର ଚିନ୍ତାଜଗତକୁ ଏପରି ଏକ ମାର୍ଗ ଦେଖାଇଲା ଯାହା ଆଜି ମଧ୍ୟ ଆଦର୍ଶ ସ୍ଥାନୀୟ ଅଟେ । ସାହିତ୍ୟ ସାଧନା କ୍ଷେତ୍ରରେ ପଣ୍ଡିତ ନୀଳକଣ୍ଠ ଦାସଙ୍କ ଅବଦାନ ସମୁଦ୍ର ସମାଦୃତ ଏବଂ ଗଭୀର ।ସେ ଜଣେ ଉଚ୍ଚକୋଟୀର ପ୍ରାଚ୍ଚୀନ ଓ ଆଧୁନିକ ସାହିତ୍ୟର ସମାଲୋଚକ, ଗବେଷକ, ପ୍ରାବନ୍ଧିକ ଏବଂ କବି ଥିଲେ । ଓଡିଆ ସାହିତ୍ୟର ଇତିହାସ ଏବଂ ସମାଲୋଚନାକୁ ଏକ ବୈଜ୍ଞାନିକ ଓ ଐତିହାସିକ ଭିତ୍ତିଭୂମି ଦେବାରେ ତାଙ୍କର ଭୂମିକା ସବୁଠାରୁ ଅଧିକ ଥିଲା । ତାଙ୍କର ଅମର ସୃଷ୍ଟି 'ଓଡିଆ ସାହିତ୍ୟର କ୍ରମପରିଣାମ' ଓଡିଆ ସାହିତ୍ୟର ଗବେଷକମାନଙ୍କ ପାଇଁ ଏକ ବାଇବେଲ୍ ସଦୃଶ ଅଟେ । ଏହି ଗ୍ରନ୍ଥରେ ସେ ଓଡିଆ ଭାଷା ଓ ସାହିତ୍ୟର କ୍ରମବିକାଶକୁ ସୂକ୍ଷ୍ମ ଭାବରେ ବିଶ୍ଳେଷଣ କରିଛନ୍ତି । ଏହାଛଡ଼ା ତାଙ୍କର କାବ୍ୟକୃତି ଯେପରିକି 'କୋଣାର୍କ', 'ଖାରବେଳ', 'ପ୍ରଣୟିନୀ', 'ଦାସନାୟକ' ଏବଂ 'ଭକ୍ତଗାଥା' ଓଡିଆ କାବ୍ୟ ଜଗତରେ ଏକ ନୂତନ ଦିଗନ୍ତ ସୃଷ୍ଟି କରିଥିଲା । 'କୋଣାର୍କ' କାବ୍ୟରେ ସେ ଓଡିଶାର ଐତିହାସିକ ଗୌରବ, କାରୁକାର୍ଯ୍ୟ ଏବଂ ମାନବୀୟ ପ୍ରେମର ଯେଉଁ ଅପୂର୍ବ ସଂଯମତା ପ୍ରଦର୍ଶନ କରିଛନ୍ତି, ତାହା ଓଡିଆ କାବ୍ୟ ସାହିତ୍ୟର ଶ୍ରେଷ୍ଠ ସମ୍ପଦ ମଧ୍ୟରୁ ଅନ୍ୟତମ । ସେ ଓଡିଆ ଭାଷାର ପ୍ରାଚୁର୍ଯ୍ୟ ଏବଂ ସ୍ୱାତନ୍ତ୍ର୍ୟକୁ ପ୍ରମାଣ କରିବା ପାଇଁ ଅନେକ ପ୍ରବନ୍ଧ ଲେଖିଥିଲେ ଏବଂ ଭାଷାକୁ ବିଦେଶୀ ପ୍ରଭାବରୁ ମୁକ୍ତ କରି ଏହାର ମୌଳିକ ରୂପକୁ ଫେରାଇଆଣିବା ପାଇଁ ଆଜୀବନ ଚେଷ୍ଟା କରିଥିଲେ । ସାମାଜିକ ସଂସ୍କାର କ୍ଷେତ୍ରରେ ପଣ୍ଡିତ ନୀଳକଣ୍ଠ ଦାସ ଥିଲେ ଜଣେ ବାସ୍ତବବାଦୀ, ପ୍ରଗତିଶୀଳ ଏବଂ ବିପ୍ଳବୀ ଚିନ୍ତାନାୟକ । ସେ ସେହି ସମୟର



ରକ୍ଷଣଶୀଳ ସମାଜର କଟକଣା ଏବଂ ଅନ୍ଧବିଶ୍ୱାସ ବିରୁଦ୍ଧରେ ସର୍ବଦା ସ୍ୱର ଉତ୍ତୋଳନ କରିଥିଲେ । ଓଡିଶା ସମାଜରେ ଜାତିଭେଦ ପ୍ରଥା, ଅସ୍ପୃଶ୍ୟତା ଏବଂ ମୂର୍ତ୍ତିପୂଜା ଆଳରେ ଚାଲିଥିବା ଅନାଚାରକୁ ସେ ଘୋର ବିରୋଧ କରୁଥିଲେ । ପ୍ଲେଟୋଙ୍କ ଆଦର୍ଶରେ ଏକ ଜ୍ଞାନକେନ୍ଦ୍ରିକ, ସମତାଭିତ୍ତିକ ଏବଂ ନ୍ୟାୟପୂର୍ଣ୍ଣ ସମାଜ ଗଠନ ତାଙ୍କର ସ୍ୱପ୍ନ ଥିଲା । ସେ ନାରୀ ଶିକ୍ଷା ଏବଂ ସମାଜରେ ନାରୀମାନଙ୍କ ସମାନ ଅଧିକାର ପାଇଁ ଦୃଢ଼ ଯୁକ୍ତି ବା ?ଥିଲେ ଏବଂ ବିଧବା ବିବାହକୁ ସମର୍ଥନ କରି ସାମାଜିକ ପରିବର୍ତ୍ତନର ପଥ ପରିଷ୍କାର କରିଥିଲେ । ସେ ବିଶ୍ୱାସ କରୁଥିଲେ ଯେ କେବଳ ରାଜନୈତିକ ସ୍ୱାଧୀନତା ମିଳିଗଲେ ଜାତିର ଉନ୍ନତି ହୋଇପାରିବ ନାହିଁ, ବରଂ ସାମାଜିକ ଚିନ୍ତାଧାରାର ପରିବର୍ତ୍ତନ ଏବଂ କୁସଂସ୍କାରର ବିନାଶ ହିଁ ପ୍ରକୃତ ପ୍ରଗତିର ଚାବିକାଠି ଅଟେ । ରାଜନୈତିକ କ୍ଷେତ୍ରରେ ଏବଂ ସ୍ୱାଧୀନତା ସଂଗ୍ରାମରେ ତାଙ୍କର ଅବଦାନ ଥିଲା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଏବଂ ନିର୍ଣ୍ଣାୟକ । ମହାତ୍ମା ଗାନ୍ଧୀଙ୍କ ଆହ୍ୱାନରେ ସେ ଭାରତୀୟ ଜାତୀୟ କଂଗ୍ରେସରେ ଯୋଗଦେଇ ଅସହଯୋଗ ଆନ୍ଦୋଳନକୁ ଓଡିଶାର ପ୍ରତି କୋଣଅନୁକୋଣରେ ପହଞ୍ଚାଇଥିଲେ । ସେ କେବଳ ଜଣେ ଆନ୍ଦୋଳନକାରୀ ନଥିଲେ, ବରଂ ଜାତୀୟ ରାଜନୀତିର ଜଣେ ପ୍ରଭାବଶାଳୀ ନେତା ଥିଲେ । ୧୯୨୭ ମସିହାରୁ ୧୯୩୦ ମସିହା ପର୍ଯ୍ୟନ୍ତ ଏବଂ ପରେ ମଧ୍ୟ ସେ କେନ୍ଦ୍ରୀୟ ଆଇନ ସଭାରେ (Central Legislative Assembly) ଓଡିଶାର ଜନସାଧାରଣଙ୍କ ମୁଖପାତ୍ର ଭାବରେ କାର୍ଯ୍ୟ କରିଥିଲେ । ସେତେବେଳେ ଭାଷାଭିତ୍ତିକ ସ୍ୱତନ୍ତ୍ର ଓଡିଶା ପ୍ରଦେଶ ଗଠନ ପାଇଁ ସେ ଯେଉଁ ଜୋରଦାର ଯୁକ୍ତି ଓ ସଂଗ୍ରାମ ଚଳାଇଥିଲେ, ତାହା ଇତିହାସରେ ସ୍ୱର୍ଣ୍ଣାକ୍ଷରରେ ଲିପିବଦ୍ଧ ହୋଇରହିଛି । ତାଙ୍କର ତୀକ୍ଷ୍ଣ ବୁଦ୍ଧି ଏବଂ ଦୂରଦୃଷ୍ଟି ଯୋଗୁଁ ୧୯୩୬ ମସିହା ଅପ୍ରେଲ ୧ ତାରିଖରେ ଭାରତର ପ୍ରଥମ ଭାଷାଭିତ୍ତିକ ପ୍ରଦେଶ ଭାବରେ 'ସ୍ୱତନ୍ତ୍ର ଓଡିଶା ପ୍ରଦେଶ' ଗଠନର ସ୍ୱପ୍ନ ସାକାର ହୋଇପାରିଥିଲା । ଓଡିଶାର ସୀମା କମିଶନରେ କୋରାପୁଟ, ଗଞ୍ଜାମ, ପାରଳାଖେମୁଣ୍ଡି ଏବଂ ସିଂହଭୂମିର କିଛି ଅଞ୍ଚଳକୁ ଓଡିଶା ସହିତ ମିଶ୍ରଣ କରିବାରେ ତାଙ୍କର ଆଇନଗତ ଜ୍ଞାନ ଏବଂ ଐତିହାସିକ ତଥ୍ୟଗତ ଯୁକ୍ତି ଅତ୍ୟନ୍ତ ନିର୍ଣ୍ଣାୟକ ସାଜିଥିଲା କ୍ଷ ପରବର୍ତ୍ତୀ ସମୟରେ ରାଜନୈତିକ ମତାମତ ପାର୍ଥକ୍ୟ ହେତୁ ସେ କଂଗ୍ରେସ ଛାଡ଼ି 'ସ୍ୱରାଜ ଦଳ' ଏବଂ ପରେ 'କଂଗ୍ରେସ ତାଲିକା' ବାହାରେ ରହି ସ୍ୱତନ୍ତ୍ର ଭାବରେ ଓଡିଶାର ହିତ ସାଧନ କରିଥିଲେ, କିନ୍ତୁ ତାଙ୍କର ଦେଶଭକ୍ତି କେବେହେଲେ ପ୍ରଶ୍ନବାଚୀ ହୋଇନଥିଲା । ସ୍ୱାଧୀନୋତ୍ତର ଭାରତରେ ମଧ୍ୟ ତାଙ୍କର ପ୍ରତିଭା ଅମ୍ଳାନ ରହିଥିଲା । ସେ ଓଡିଶା ବିଧାନସଭାର ବାଚସ୍ପତି (Speaker) ଭାବରେ ଦାୟିତ୍ୱ ଗ୍ରହଣ କରି ସଂସଦୀୟ ଗଣତନ୍ତ୍ରର ଏକ ଉତ୍କୃଷ୍ଟ ପରମ୍ପରା ସ୍ଥାପନ କରିଥିଲେ । ଏହାଛଡ଼ା, ସେ ଉତ୍କଳ ବିଶ୍ୱବିଦ୍ୟାଳୟର ପ୍ରୋ-ଚାନ୍ସେଲର ଏବଂ ଓଡିଶା ସାହିତ୍ୟ ଏକାଡେମୀର ପ୍ରଥମ ସଭାପତି ଭାବରେ ଦାୟିତ୍ୱ ତୁଲାଇ ଓଡିଶାର ଶିକ୍ଷା ଓ ସାହିତ୍ୟ ଜଗତକୁ ଏକ ନୂତନ ଦିଗ୍ଦର୍ଶନ ଦେଇଥିଲେ । ସାମ୍ବାଦିକତା କ୍ଷେତ୍ରରେ ମଧ୍ୟ ତାଙ୍କର ଅବଦାନ ଅତୁଳନୀୟ ଥିଲା; ସେ 'ନବଭାରତ', 'ସେବା' ଏବଂ 'ଲୋକମାତା' ଭଳି ପ୍ରସିଦ୍ଧ ପତ୍ରପତ୍ରିକା ସମ୍ପାଦନା କରି ଜନସାଧାରଣଙ୍କ ମଧ୍ୟରେ ସଚେତନତା, ସ୍ୱାଭିମାନ ଏବଂ ସ୍ୱାଧୀନତା ଚେତନା ଜାଗ୍ରତ କରିଥିଲେ । ତାଙ୍କର ଅମୂଲ୍ୟ ଆତ୍ମଜୀବନୀ 'ମୋ ଜୀବନ ସଂଗ୍ରାମ' ପାଇଁ ତାଙ୍କୁ ଭାରତ ସରକାରଙ୍କ ଦ୍ୱାରା 'କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାର'ରେ ସମ୍ମାନିତ କରାଯାଇଥିଲା, ଯାହା ତାଙ୍କ ସାହିତ୍ୟିକ କୃତିର ଏକ ବଡ଼ ସ୍ୱୀକୃତି ଥିଲା । ଏହାବ୍ୟତୀତ ଦେଶ ଓ ଜାତି ପାଇଁ ତାଙ୍କର ଏହି ମହାନ ଅବଦାନକୁ ସମ୍ମାନ ଜଣାଇ ଭାରତ ସରକାର ତାଙ୍କୁ ଦେଶରତନ ସଦୃଶ 'ପଦ୍ମଭୂଷଣ' ଉପାଧିରେ ଭୂଷିତ କରିଥିଲେ । ସାମଗ୍ରିକ ବିଶ୍ଳେଷଣରୁ ଏହା ସ୍ପଷ୍ଟ ହୁଏ ଯେ ପଣ୍ଡିତ ନୀଳକଣ୍ଠ ଦାସ କେବଳ ଜଣେ ବ୍ୟକ୍ତି ନଥିଲେ, ବରଂ ସେ ଥିଲେ ଏକ ଜୀବନ୍ତ ଅନୁଷ୍ଠାନ, ଏକ ବିପ୍ଳବୀ ଚିନ୍ତାଧାରା ଏବଂ ଓଡିଆ ଜାତିର ସ୍ୱାଭିମାନ ଓ ଅସ୍ତିତ୍ୱର ସବୁଠାରୁ ଦୃଢ଼ ପ୍ରାଚୀର । ତାଙ୍କର ଜୀବନ ଏବଂ କର୍ମ ଆଜିର ଯୁବପିଢ଼ି ପାଇଁ ଅତ୍ୟନ୍ତ ପ୍ରେରଣାଦାୟୀ, କାରଣ ସେ ସଙ୍କଟର ସମ୍ମୁଖୀନ ହୋଇ କିପରି ନିଜ ଜାତି ଓ ମାତୃଭୂଷାର ସେବା କରାଯାଏ ତାହା ବାସ୍ତବରେ ପ୍ରମାଣ କରି ଦେଖାଇଯାଇଛନ୍ତି । ଓଡିଶାର ଇତିହାସ ଯେତେଦିନ ପର୍ଯ୍ୟନ୍ତ ରହିବ, ସେତେଦିନ ପର୍ଯ୍ୟନ୍ତ ପଣ୍ଡିତ ନୀଳକଣ୍ଠ ଦାସଙ୍କ ନାମ ଓଡିଆ ଜାତିର ହୃଦୟରେ ଅମର ହୋଇରହିବ ଏବଂ ତାଙ୍କର ଆଦର୍ଶ ଆମକୁ ସବୁବେଳେ ଏକ ମହାନ ଏବଂ ସମୃଦ୍ଧ ଓଡିଶା ଗଠନ ପାଇଁ ପ୍ରେରଣା ଯୋଗାଉଥିବ ।



## ଏଲଓସିରେ ଲ୍ୟାଣ୍ଡମାଇନ୍ ବିସ୍ଫୋରଣ, ୨ ଜଣ ସେନା ଯବାନ ଗୁରୁତର

**ନୂଆଦିଲ୍ଲୀ,୬।୮(ଏଜେନ୍ସି):** ଜାମ୍ମୁ-କାଶ୍ମୀରର ପୁଞ୍ଛ ଜିଲ୍ଲା ଅନ୍ତର୍ଗତ ମେନ୍ଧର ସେକ୍ଟରର କାଙ୍ଗା ଗଲି ଅଞ୍ଚଳରେ ନିୟନ୍ତ୍ରଣ ରେଖା (ଏଲଓସି) ନିକଟରେ ଏକ ଲ୍ୟାଣ୍ଡମାଇନ୍ ନିଷ୍କ୍ରିୟ କରିବା ସମୟରେ ବିସ୍ଫୋରଣ ଘଟି ଦୁଇଜଣ ସେନା ଯବାନ ଗୁରୁତର ଆହାତ ହୋଇଛନ୍ତି। ଆହାତ ଯବାନମାନଙ୍କୁ ତୁରନ୍ତ ଚିକିତ୍ସା ପାଇଁ ସେନା ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଛି। ସୂଚନା ଅନୁଯାୟୀ, ପ୍ରବଳ ବର୍ଷା ଯୋଗୁଁ ଅନୁପ୍ରବେଶ ରୋକିବା ପାଇଁ ସୀମାନ୍ତରେ ବିଛାଯାଇଥିବା କେତେକ ଲ୍ୟାଣ୍ଡମାଇନ୍ ନିଜ ସ୍ଥାନରୁ ଭାସି ଆସିଥିଲା। ସେନାର ଏକ ପାଟ୍ରୋଲିଂ ଟିମ୍ ଏହି ଲ୍ୟାଣ୍ଡମାଇନକୁ ଦେଖିବା ପରେ ନିଷ୍କ୍ରିୟ କରିବା ପାଇଁ ବିଶେଷଜ୍ଞ ଦଳକୁ ଡକାଯାଇଥିଲା, ମାତ୍ର କାମ ଚାଲିଥିବା ବେଳେ ଆକସ୍ମିକ ଭାବେ ଏହା ବିସ୍ଫୋରଣ ହୋଇଥିଲା।

### ଅଭିଜିତ୍ ଦୀପକେଙ୍କ ବଡ ଘୋଷଣା

# ସେପ୍ଟେମ୍ବରରୁ ପୁଣି ନୂଆ ଅଭିଯାନ

**ନୂଆଦିଲ୍ଲୀ,୬।୮(ଏଜେନ୍ସି):** ନିଟ୍ ପ୍ରଶ୍ନପତ୍ର ଲିକ୍ ବିରୋଧରେ ଦିଲ୍ଲୀର ଜନ୍ତର-ମନ୍ତରରେ ଆନ୍ଦୋଳନ କରିଥିବା 'କକ୍ରୋଚ୍ ଜନତା ପାର୍ଟି' ଏକ ବଡ଼ ଘୋଷଣା କରିଛି। ପାର୍ଟିର ସଂସ୍ଥାପକ ଅଭିଜିତ ଦୀପକେ କହିଛନ୍ତି ଯେ, ଆସନ୍ତା ସେପ୍ଟେମ୍ବରରୁ ଦେଶବ୍ୟାପୀ କ'ଣ କହୁଛନ୍ତି ଜନତା' ନାମରେ ଏକ ବୃହତ୍ ଜନଅନ୍ଦୋଳନ ଆରମ୍ଭ କରାଯିବ। ଏହି ଅଭିଯାନରେ ୫ଟି ପ୍ରମୁଖ ପ୍ରସଙ୍ଗକୁ ନେଇ ଲଢେଇ କରାଯିବ ଏବଂ ପ୍ରଥମ ପ୍ରସଙ୍ଗ ହେବ ଶିକ୍ଷା। ଅଭିଜିତ ଦୀପକେ କହିଛନ୍ତି, ଅନେକ ଲୋକଙ୍କ ମନରେ ସିଜେପିର ଚିନ୍ତାଧାରାକୁ ନେଇ ପ୍ରଶ୍ନ ରହିଛି। ଏହାର ଉତ୍ତରରେ ସେ କହିଛନ୍ତି ଯେ, କକରୋଚ୍ ଜନତା ପାର୍ଟିର ଚିନ୍ତାଧାରା ସେହି, ଯାହା ଭାରତୀୟ ସମ୍ବିଧାନର ଚିନ୍ତାଧାରା।ଦୀପକେଙ୍କ କହିବା ଅନୁଯାୟୀ, ସେପ୍ଟେମ୍ବର ମାସରେ ସିଜେପି ଏକ ଦେଶବ୍ୟାପୀ କ୍ୟାମ୍ପେନ୍ ଆରମ୍ଭ କରିବ। ଏହା ଏକ ପ୍ରକାର ଦେଶବ୍ୟାପୀ ଜନସମ୍ପର୍କ ଯାତ୍ରା ହେବ, ଯାହାର ନାମ କ'ଣ କହୁଛନ୍ତି ଜନତା' ରଖାଯାଇଛି। ସେ କହିଛନ୍ତି, ବର୍ତ୍ତମାନ ସମୟର ସବୁଠାରୁ ବଡ଼ ଆବଶ୍ୟକତା ହେଉଛି ଜନସାଧାରଣଙ୍କ କଥା ଶୁଣିବା। ଲୋକମାନେ ନିଜର ମତ ରଖିବା ଦରକାର ଏବଂ ସେମାନଙ୍କ ସ୍ୱର ଶୁଣିବାର ସମୟ ଆସିଛି। ଯଦି ଜନତାଙ୍କ ସ୍ୱରକୁ ଅଣଦେଖା କରାଯିବ, ତେବେ ଲୋକମାନେ ରାସ୍ତାକୁ ଓହ୍ଲାଇ ଆନ୍ଦୋଳନ କରିବେ।କକରୋଚ୍ ଜନତା ପାର୍ଟି ପାଞ୍ଚଟି ପ୍ରମୁଖ ପ୍ରସଙ୍ଗକୁ ନେଇ ଦେଶବ୍ୟାପୀ ଆନନ୍ଦୋଳନ କରିବ ବୋଲି



ଘୋଷଣା କରିଛି। ପାର୍ଟିର ସଂସ୍ଥାପକ ଅଭିଜିତ ଦୀପକେ କହିଛନ୍ତି ଯେ, ଶିକ୍ଷା ସଂସ୍କାର ସେମାନଙ୍କର ସର୍ବୋଚ୍ଚ ପ୍ରାଥମିକତା ହେବ। ତାଙ୍କ କହିବା ଅନୁସାରେ, ଦେଶର ବର୍ତ୍ତମାନ ସ୍ଥିତି ପାଇଁ ଶିକ୍ଷା ବ୍ୟବସ୍ଥାକୁ ପ୍ରାଥମିକତା ନ ଦେବା ଏକ ବଡ଼ କାରଣ। ସେ କହିଛନ୍ତି, ସିଜେପିର ପ୍ରଥମ ଏବଂ ସବୁଠାରୁ ବଡ଼ ପ୍ରସଙ୍ଗ ହେଉଛି ଶିକ୍ଷା ବ୍ୟବସ୍ଥାରେ ସଂସ୍କାର। ଏହି ବ୍ୟବସ୍ଥାରେ ରହିଥିବା ତ୍ରୁଟି ଓ ଦୁର୍ବଳତା ଦୂର କରିବା ପାଇଁ ପାର୍ଟି ଦୃଢ଼ ଲଢେଇ କରିବ। ଦୀପକେ କହିଛନ୍ତି, ଦେଶର ନ୍ୟାୟ ବ୍ୟବସ୍ଥାକୁ ଅଧିକ ସୁଦୃଢ଼ ଓ ସ୍ୱଚ୍ଛ କରିବା ସିଜେପିର ଦ୍ୱିତୀୟ ପ୍ରମୁଖ ଲକ୍ଷ୍ୟ ହେବ।ସିଜେପିର ପ୍ରମୁଖ ପ୍ରସଙ୍ଗ ମଧ୍ୟରେ ରୋଜଗାର ମଧ୍ୟ ରହିଛି। ଦୀପକେଙ୍କ କହିବା ଅନୁଯାୟୀ, ଦେଶରେ ୩୫ ବର୍ଷରୁ କମ୍ ବୟସ୍କ ଯୁବକ-ଯୁବତୀଙ୍କ ମଧ୍ୟରେ ବେକାରୀ ହାର ଚରମ ସୀମାରେ ରହିଛି। ସେ ଦାବି କରିଛନ୍ତି ଯେ, ପ୍ରାୟ ୬୦ ପ୍ରତିଶତ ଯୁବକ-ଯୁବତୀଙ୍କ ପାଖରେ ଚାକିରି ନାହିଁ। ଯେଉଁମାନଙ୍କ ପାଖରେ ଚାକିରି ଅଛି, ସେମାନଙ୍କର ଦରମା ଏତେ କମ୍ ଯେ ପରିବାର ଚଳାଇବା କଷ୍ଟକର। ଡିଗ୍ରୀଧାରୀ ଯୁବକ-ଯୁବତୀମାନେ ମଧ୍ୟ ବେକାର ରହୁଛନ୍ତି।ଅଭିଜିତ ଦୀପକେ କହିଛନ୍ତି, ସିଜେପି ପାରମ୍ପରିକ ରାଜନୀତିରେ ପ୍ରବେଶ କରିବ ନାହିଁ, କାରଣ ଜଣେ ବ୍ୟକ୍ତି ଏକାକୀ ଦେଶର ସମସ୍ତ ସମସ୍ୟାର ସମାଧାନ କରିପାରିବେ ନାହିଁ। ସେ କହିଛନ୍ତି, ପାର୍ଟିର ଶେଷ ଲକ୍ଷ୍ୟ ରାଜନୀତି ନୁହେଁ, ବରଂ ସମାଜସେବା। ଏଥିପାଇଁ ସମସ୍ତ ସମର୍ଥକ ଓ ସାଧାରଣ ନାଗରିକଙ୍କୁ ଏକାଠି କରି ଦେଶରେ ସକାରାତ୍ମକ ପରିବର୍ତ୍ତନ ଆଣିବା ଦିଗରେ କାମ କରାଯିବ।

## ଏଆଇ ପାଇଁ ବଡ଼ କମ୍ପାନିରେ ଚାକିରି କମିବ: ନିଲେକାନି

**ନୂଆଦିଲ୍ଲୀ,୬।୮(ଏଜେନ୍ସି):** ଭବିଷ୍ୟତରେ ଭାରତରେ ନୂଆ ନିଯୁକ୍ତି ଓ ରୋଜଗାରର ମୁଖ୍ୟ ମାଧ୍ୟମ ବଡ଼ ବଡ଼ କର୍ପୋରେଟ୍ କମ୍ପାନି ନୁହନ୍ତି, ବରଂ ଦେଶର କୋଟି କୋଟି କ୍ଷୁଦ୍ର ବ୍ୟବସାୟୀ ହେବେ। କୃତ୍ରିମ ବୁଦ୍ଧିମତ୍ତା (ଏଆଇ) ପ୍ରଯୁକ୍ତିବିଦ୍ୟା ଦ୍ରୁତ ଗତିରେ ବୃଦ୍ଧି ପାଉଥିବାରୁ ଅଧିକ ସଂଗଠିତ ଓ ନିୟମିତ କାର୍ଯ୍ୟ କରୁଥିବା ବଡ଼ କମ୍ପାନିଗୁଡ଼ିକରେ କାମ ସହଜରେ ଅଟୋମେସନ୍ ବା ମେସିନ୍ ଦ୍ୱାରା ହୋଇପାରିବ। ଫଳରେ ଏହି ବଡ଼ ସଂସ୍ଥାଗୁଡ଼ିକରେ ଚାକିରି ସଂଖ୍ୟା କ୍ରମାଗତ ଭାବେ ହ୍ରାସ ପାଇବାର ଆଶଙ୍କା ରହିଛି ବୋଲି ଇନଫୋସିସର ସହ ପ୍ରତିଷ୍ଠାତା ନନ୍ଦନ ନିଲେକାନି କହିଛନ୍ତି।ନ୍ୟାସନାଲ୍ କାଉନ୍‌ସିଲ୍ ଅଫ୍ ଆପ୍ଲାଏଡ୍ ଇକୋନୋମିକ୍ ରିସର୍ଚ୍ଚ ଦ୍ୱାରା ଆୟୋଜିତ ଏକ କାର୍ଯ୍ୟକ୍ରମରେ ବକ୍ତବ୍ୟ ରଖି ସେ ସ୍ପଷ୍ଟ କରିଛନ୍ତି ଯେ ବଡ଼ କମ୍ପାନିଗୁଡ଼ିକରେ ପ୍ରତ୍ୟେକ କର୍ମଚାରୀଙ୍କ କାର୍ଯ୍ୟପ୍ରଣାଳୀ ନିର୍ଦ୍ଦିଷ୍ଟ ଯାହାକୁ ଏଆଇ ମାଧ୍ୟମରେ କରିବା ବହୁତ ସହଜ। ଆଗାମୀ ଦିନରେ ଏହି ବଡ଼ କମ୍ପାନିଗୁଡ଼ିକରୁ ନିଯୁକ୍ତି ବଢ଼ିବା ପରିବର୍ତ୍ତେ କମିବ। ଅନ୍ୟପଟେ କ୍ଷୁଦ୍ର ବ୍ୟବସାୟଗୁଡ଼ିକରେ ଜଣେ କର୍ମଚାରୀଙ୍କୁ ଅନେକ ପ୍ରକାରର ଭିନ୍ନ ଭିନ୍ନ କାମ କରିବାକୁ ପଡ଼ିଥାଏ। ତେଣୁ ସେଠାରେ ଏଆଇ ସମ୍ପୂର୍ଣ୍ଣ ଭାବେ ମଣିଷର ସ୍ଥାନ ନେଇପାରିବ ନାହିଁ। ଏହି କାରଣରୁ ନୂଆ ନିଯୁକ୍ତି ସୃଷ୍ଟି କରିବା କ୍ଷେତ୍ରରେ କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗଗୁଡ଼ିକ ହିଁ ଆଗାମୀ ଦିନରେ ଅର୍ଥବ୍ୟବସ୍ଥାର ମୁଖ୍ୟ ଆଧାର ହେବେ। ଏଥିପାଇଁ କ୍ଷୁଦ୍ର ବ୍ୟବସାୟୀଙ୍କୁ ସହଜରେ ଋଣ ଯୋଗାଇଦେବା, ସରଳ ନିୟମାବଳୀ ପ୍ରଣୟନ କରିବା ଓଏନଡିସି ପରି ଡିଜିଟାଲ୍ ମାଧ୍ୟମ ସହ ଯୋଡ଼ିବା ଆବଶ୍ୟକ।ଏହା ବ୍ୟତୀତ ଭାରତ କେବଳ ଚିପ୍, ଡାଟା ସେଣ୍ଟର କିମ୍ବା ବଡ଼ ଏଆଇ ମଡେଲ୍ ତିଆରି କରିବା ପରି ଭିତ୍ତିଭୂମି ପ୍ରତିଯୋଗିତାରେ ନ ପଶି ଏଆଇର ବ୍ୟାବହାରିକ ବ୍ୟବହାର ଉପରେ ଅଧିକ ଧ୍ୟାନ ଦେବା ଉଚିତ୍ ବୋଲି ସେ ମତ ଦେଇଛନ୍ତି। ସେ କହିଛନ୍ତି ଯେ ଶିକ୍ଷା, ସ୍ୱାସ୍ଥ୍ୟ ଓ କୃଷି କ୍ଷେତ୍ରରେ ସାଧାରଣ ଲୋକଙ୍କ ଜୀବନଧାରଣକୁ ସହଜ କରିବା ପାଇଁ ଏଆଇକୁ ବ୍ୟବହାର କରାଯିବା ଦରକାର। ବିଶେଷ କରି ଇଂରାଜୀ ବଦଳରେ ଭାରତୀୟ ଆଞ୍ଚଳିକ ଭାଷା ଓ ଭଏସ୍ ଜରିଆରେ ଏଆଇ ଚଲାଇବାର ସୁବିଧା ହେଲେ ଦେଶର କୋଟି କୋଟି ନାଗରିକ ଏହାର ପ୍ରକୃତ ଫାଇଦା ପାଇପାରିବେ।

## ଭାରତ-ନେପାଳ ସୀମାନ୍ତରେ ଉତ୍ତେଜନା

**ନୂଆଦିଲ୍ଲୀ,୬।୮(ଏଜେନ୍ସି):** ବିହାରର ପଶ୍ଚିମ ଚମ୍ପାରଣ ଜିଲ୍ଲା ସଂଲଗ୍ନ ଭାରତ-ନେପାଳ ସୀମାନ୍ତ ସୁସ୍ତା ସେକ୍ଟରରେ ପୁଣିଥରେ ସୀମା ବିବାଦକୁ ନେଇ ଗୁରୁବାର ଉତ୍ତେଜନା ପ୍ରକାଶ ପାଇଛି। ଭାରତୀୟ ସୀମା ଭିତରକୁ ଏକ ମାଟି ବନ୍ଧ ସମ୍ପ୍ରସାରଣ କରିବା ସହ ସଶସ୍ତ୍ର ସୀମା ବଳ (ଏସଏସବି) ଯବାନଙ୍କ ଉପରେ ପଥରମାଡ଼ କରିବା ଅଭିଯୋଗରେ ନେପାଳର ସୁସ୍ତା ଗ୍ରାମର ୧୫୦ ରୁ ୨୦୦ ଜଣ ଅଜ୍ଞାତ ଗ୍ରାମବାସୀଙ୍କ ବିରୋଧରେ ମାମଲା ରୁଜୁ ହୋଇଛି। ରାମପୁରୱାଠାରେ ଅବସ୍ଥାପିତ ୨୧ତମ ବାଟାଲିୟନ୍ ଏସଏସବି କମାଣ୍ଡର ତଥା ସହକାରୀ କମାଣ୍ଡାଣ୍ଟ ଅବଧେଶ କୁମାରଙ୍କ ଅଭିଯୋଗ ଆଧାରରେ ବାଲ୍ମୀକିନଗର ଥାନାରେ ଏହି ମାମଲା ଦାଖଲ କରାଯାଇଛି। ପୋଲିସ ଏହି ଘଟଣାର ତଦନ୍ତ ଆରମ୍ଭ କରିଛି।

ସୂଚନା ମୁତାବକ, ଗତ ଜୁଲାଇ ୩୧ ତାରିଖରେ ନେପାଳର ଆର୍ମଡ୍ ପୋଲିସ ଫୋର୍ସ, ବାଗାହା ପୋଲିସ ସୁପରିଣ୍ଟେଣ୍ଡେଣ୍ଟ ଏବଂ ଏସଏସବି ଅଧିକାରୀଙ୍କ ମଧ୍ୟରେ ହୋଇଥିବା ଫ୍ଲାଗ୍ ମିଟିଂରେ ଯଥାସ୍ଥିତି ବଜାୟ ରଖିବାକୁ ସହମତି ହୋଇଥିଲା। ତଥାପି ନିୟମ ଭଙ୍ଗ କରି ନିର୍ମାଣ କାର୍ଯ୍ୟ ଜାରି ରହିଥିବାରୁ ଏସଏସବି ଯବାନମାନେ ନେପାଳ ପୋଲିସ ସହ ଆଲୋଚନା କରୁଥିବା ବେଳେ ୧୫୦ ରୁ ୨୦୦ ଗ୍ରାମବାସୀ ଲାଠି ଓ ପଥର ଧରି ଆକ୍ରମଣାତ୍ମକ ରୂପ ନେଇଥିଲେ। ସ୍ଥିତି ବିଗିଡ଼ିବା ଦେଖି ଯବାନମାନେ ପଛକୁ ହଟିବା ବେଳେ ସେମାନଙ୍କ ଉପରେ ଗ୍ରାମବାସୀ ପଥରମାଡ଼ କରିଥିବା ଅଭିଯୋଗ ହୋଇଛି।

## ବିଦେଶୀ ପାଣ୍ଠି ଆଇନକୁ ନେଇ କେନ୍ଦ୍ର ସରକାରଙ୍କୁ ଥରୁରଙ୍କ ତୀବ୍ର ସମାଲୋଚନା

**ନୂଆଦିଲ୍ଲୀ,୬।୮(ଏଜେନ୍ସି):** କଂଗ୍ରେସ ସାଂସଦ ଶଶି ଥରୁର୍ ଆସନ୍ତା ସପ୍ତାହରେ ସଂସଦରେ କେନ୍ଦ୍ର ସରକାର ଉପସ୍ଥାପନ କରିବାକୁ ଯାଉଥିବା ବିଦେଶୀ ଅନୁଦାନ (ନିୟନ୍ତ୍ରଣ) ସଂଶୋଧନ ବିଲ୍, ୨୦୨୬ (ଏଫସିଆରଏ ସଂଶୋଧନ ବିଲ୍) ରେ ପ୍ରସ୍ତାବିତ ସଂଶୋଧନକୁ ତୀବ୍ର ନିନ୍ଦା କରିଛନ୍ତି। ଥରୁର୍ ଅଭିଯୋଗ କରିଛନ୍ତି ଯେ, କେନ୍ଦ୍ର ସରକାର ଅତ୍ୟନ୍ତ ଖରାପ ଆଇନ ମାଧ୍ୟମରେ ନାଗରିକ ସମାଜ ଉପରେ କଠୋର ନିୟନ୍ତ୍ରଣ ଲାଗୁ କରିବାକୁ ଚାହୁଁଛନ୍ତି ଓ ସଂଖ୍ୟାଲଘୁ ତଥା ଅଣ-ସରକାରୀ ସଂଗଠନ (ଏନଜିଓ)କୁ ଟାର୍ଗେଟ କରୁଛନ୍ତି।ଥରୁରଙ୍କ ଅନୁଯାୟୀ, ଏହି ନୂତନ ବିଲ୍‌ର ସବୁଠାରୁ ବିପଦପୂର୍ଣ୍ଣ ବ୍ୟବସ୍ଥା ହେଉଛି ଯେ, ଯଦି କୌଣସି ଏନଜିଓର ଏଫ୍‌ସିଆର୍‌ଏ ଲାଇସେନ୍ସ ନବୀକରଣ କରାନଯାଏ, ତେବେ ସରକାରଙ୍କୁ ଏହାର ସମ୍ପତ୍ତି ଜବତ ଓ ବିକ୍ରି କରିବାର ଅଧିକାର ମିଳିବ। ବିଦେଶୀ ପାଣ୍ଠି ସହାୟତାରେ ଦେଶରେ ନିର୍ମିତ ଅନେକ ଚର୍ଚ୍ଚ, ଅନାଥାଶ୍ରମ, ହସ୍ପିଟାଲ ଓ ସ୍କୁଲ ଏହି ଆଇନ ଯୋଗୁଁ ସିଧାସଳଖ ସରକାରୀ ନିୟନ୍ତ୍ରଣକୁ ଆସିପାରେ, ଯାହାକୁ ସେ ସମ୍ପୂର୍ଣ୍ଣ ଅନୁଚିତ ବୋଲି ବର୍ଣ୍ଣନା କରିଛନ୍ତି। ଶଶି ଥରୁର ବିଜେପିକୁ ଟାର୍ଗେଟ କରି କହିଛନ୍ତି ଯେ, ଗୋଟିଏ ପଟେ ସରକାର ଖ୍ରୀଷ୍ଟିଆନ ସମ୍ପ୍ରଦାୟଠାରୁ ଭୋଟ ମାଗୁଛି ଓ ଅନ୍ୟପଟେ ସେମାନଙ୍କ ଦ୍ୱାରା ପରିଚାଳିତ ଜନ କଲ୍ୟାଣକାରୀ ପ୍ରତିଷ୍ଠାନଗୁଡ଼ିକୁ ଛଡ଼ାଇ ନେବାକୁ ପ୍ରସ୍ତୁତ ହେଉଛି। ଥରୁର୍ ଆହୁରି ଦର୍ଶାଇଛନ୍ତି ଯେ, ସଂଶୋଧିତ ବିଧେୟକ ଯେତେ ତ୍ୱରିତ ଭାବେ ଅଣାଯାଉଛି ଓ ଏହାର ସମୟ ସନ୍ଦେହଜନକ ରହିଛି, ଯାହା ସଂଖ୍ୟାଲଘୁଙ୍କ ମଧ୍ୟରେ ଚିନ୍ତା ପ୍ରକଟ କରିଛି। ଏକ ଜାତୀୟସ୍ତରୀୟ



ଦୈନିକ ଖବରକାଗଜରେ ଲିଖିତ ସ୍ତମ୍ଭରେ ତିରୁବନନ୍ତପୁରମ୍ ସାଂସଦ ସରକାରଙ୍କୁ ତୀବ୍ର ସମାଲୋଚନା କରିଛନ୍ତି ଓ ସରକାର ସ୍ୱାଧୀନ ଚିନ୍ତାଧାରା ପ୍ରତି ପ୍ରତିକ୍ରିୟାଶୀଳ ବୋଲି କହିଛନ୍ତି।

## ତେଜପାଲଙ୍କୁ ୧୦ ବର୍ଷ କାରାଦଣ୍ଡାଦେଶ

**ନୂଆଦିଲ୍ଲୀ,୬।୮(ଏଜେନ୍ସି):** ବମ୍ବେ ହାଇକୋର୍ଟର ଗୋଆ ପୀଠ ଯୌନ ନିର୍ଯାତନା ମାମଲାରେ ତେହଲକାର ପୂର୍ବତନ ମୁଖ୍ୟ ସମ୍ପାଦକ ତରୁଣ ତେଜପାଲଙ୍କୁ ଦୋଷୀ ଘୋଷଣା କରି ୧୦ ବର୍ଷ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି । ଏହି ରାୟ ଜଷ୍ଟିସ୍ ନୀଳା ଗୋଖଲେ ଓ ଜଷ୍ଟିସ୍ ଅମିତ ଜାମସାଣ୍ଡେକରଙ୍କ ଖଣ୍ଡପୀଠ ଗୋଆ ସରକାରଙ୍କ ଆବେଦନ ଉପରେ ଶୁଣାଣି କରି ଦେଇଛନ୍ତି ।ହାଇକୋର୍ଟ ମାପୁସା ସେସନ୍ସ କୋର୍ଟର ୨୦୨୧ ମସିହାରେ ତରୁଣ ତେଜପାଲଙ୍କୁ ସମସ୍ତ ଅଭିଯୋଗରୁ ମୁକ୍ତ କରାଯାଇଥିଲା । ବର୍ତ୍ତମାନ ହାଇକୋର୍ଟ ତାଙ୍କ ବିରୋଧରେ ଥିବା ଅଭିଯୋଗଗୁଡ଼ିକୁ ପୁନଃବିଚାର କରି ଦୁଷ୍କର୍ମ ଓ ଅନ୍ୟାନ୍ୟ ସମ୍ପର୍କିତ ଧାରା ଅନୁଯାୟୀ ଦୋଷୀ ମାନିଛନ୍ତି । ଗୋଆ ସରକାର ୨୦୨୧ରେ ସେସନ୍ସ କୋର୍ଟର ରାୟ ବିରୋଧରେ ହାଇକୋର୍ଟରେ ଅପିଲ୍ କରିଥିଲେ।



ସରକାରଙ୍କ ଯୁକ୍ତି ଥିଲା ଯେ ନିମ୍ନ ଅଦାଲତ ମାମଲାର ତଥ୍ୟ ଓ ପ୍ରମାଣକୁ ଠିକ୍ ଭାବରେ ମୂଲ୍ୟାୟନ କରିନଥିଲା ।ଏହି ମାମଲା ୨୦୧୩ ନଭେମ୍ବର ମାସର । ଅଭିଯୋଗ ଅନୁସାରେ, ଗୋଆରେ ଆୟୋଜିତ ଏକ କାର୍ଯ୍ୟକ୍ରମ ସମୟରେ ଏକ ପଞ୍ଚତାରକା ହୋଟେଲର ଲିଫ୍ଟ ଭିତରେ ତରୁଣ ତେଜପାଲ ତାଙ୍କ ଜଣେ ଜୁନିୟର ମହିଳା ସହକର୍ମୀଙ୍କ ସହ ଯୌନ ଅସଦାଚରଣ କରିଥିବା ଅଭିଯୋଗ ହୋଇଥିଲା । ମାମଲା ସାମ୍ନାକୁ ଆସିବା ପରେ ତରୁଣ ତେଜପାଲ ତେହଲକାର ସମ୍ପାଦକ ପଦରୁ ଅସ୍ଥାୟୀ ଭାବେ ଦୂରେଇ ଯାଇଥିଲେ । ୨୦୧୩ ମସିହାରେ ଗୋଆ ପୋଲିସ ତାଙ୍କ ବିରୋଧରେ ମାମଲା ରୁଜୁ କରିଥିଲା । ଏହି ମାମଲା ଦୀର୍ଘ ସମୟ ଧରି ଆଇନଗତ ପ୍ରକ୍ରିୟା ମଧ୍ୟରେ ରହିଥିଲା ।ସୂଚନା ଯୋଗ୍ୟଯେ ତରୁଣ ତେଜପାଲ ଜଣେ ପ୍ରସିଦ୍ଧ ସାମ୍ବାଦିକ ଓ ଲେଖକ ଭାବେ ପରିଚିତ ।ସେ ୨୦୦୦ ମସିହାରେ ତେହଲକା ପତ୍ରିକାର ସ୍ଥାପନା କରିଥିଲେ । ତାଙ୍କ ବିରୋଧରେ ଆସିଥିବା ଏହି ମାମଲା ଭାରତୀୟ ମିଡିଆ ଜଗତରେ ବ୍ୟାପକ ଚର୍ଚ୍ଚା ସୃଷ୍ଟି କରିଥିଲା ।

## 'ଜାଲାପେନୋ' ଲଙ୍କା ଖାଇ ୩୪୫ ଲୋକ ଗୁରୁତର

**ନୂଆଦିଲ୍ଲୀ,୬।୮(ଏଜେନ୍ସି):** ସ୍ୱାଦ ବୃଦ୍ଧି କରିବା ପାଇଁ ବ୍ୟବହୃତ ମସଲାଦାର ଜାଲାପେନୋ ଲଙ୍କା ଖାଇ ଆମେରିକାରେ ୩୪୫ ଅସୁସ୍ଥ ହୋଇ ଚିକିତ୍ସା ଲାଗି ହସ୍ପିଟାଲରେ ଭର୍ତ୍ତି ହୋଇଛନ୍ତି । ମେକ୍ସିକୋରୁ ଆମଦାନି ହୋଇଥିବା ଜାଲାପେନୋ ଲଙ୍କା ଖାଇବା ଯୋଗୁଁ ସାଲମୋନେଲା ସଂକ୍ରମଣ ଯୋଗୁଁ ୨୭ ରାଜ୍ୟରେ ଆତଙ୍କ ସୃଷ୍ଟି ହୋଇଛି । ପରିସ୍ଥିତିର ଗମ୍ଭୀରତାକୁ ଦୃଷ୍ଟିରେ ରଖି, ଆମେରିକାର ସ୍ୱାସ୍ଥ୍ୟ ଏଜେନ୍ସିଗୁଡ଼ିକ ତଦନ୍ତକୁ ଜୋରଦାର୍ କରିଛନ୍ତି । ଲଙ୍କାକୁ ବଜାରରୁ ଫେରାଇ ଆଣିବା ପ୍ରକ୍ରିୟା ଆରମ୍ଭ କରାଯାଇଛି । ଆମେରିକାର ରୋଗ ନିୟନ୍ତ୍ରଣ ଏବଂ ନିବାରଣ କେନ୍ଦ୍ର(ସିଡିସି)ଅନୁଯାୟୀ,ଏପର୍ଯ୍ୟନ୍ତ କୌଣସି ମୃତ୍ୟୁ ନିଶ୍ଚିତ ହୋଇନାହିଁ । ତଦନ୍ତରୁ ଜଣାପଡିଛି ଯେ ପ୍ରଭାବିତ ଜାଲାପେନୋ ଲଙ୍କା କୋଷ୍ଟ ସାଇଟର୍ସ ଡିଷ୍ଟ୍ରିବ୍ୟୁଟର୍ସ ନାମକ ଏକ କମ୍ପାନି ଦ୍ୱାରା ଯୋଗାଣ କରାଯାଇଥିଲା । ଏହି ଲଙ୍କା ଚିପୋଟଲ୍ ମେକ୍ସିକାନ୍ ଗ୍ରୀଲ୍ ଏବଂ କ୍ୟୁଡୋବା ଭଳି ପ୍ରମୁଖ ନାମ ସମେତ ଅନେକ ରେଷ୍ଟୁରାଣ୍ଟ ଚେନ୍‌ରେ ପହଞ୍ଚିଥିଲା ।ସତର୍କତା ସ୍ୱରୂପ, ଉଭୟ କମ୍ପାନି ଏହି ଲଙ୍କା ବ୍ୟବହାରକୁ ବନ୍ଦ କରି ଦେଇଛନ୍ତି । ଆମେରିକାର ଖାଦ୍ୟ ଏବଂ ଔଷଧ ପ୍ରଶାସନ (ଏଫଡିଏ) ପ୍ରଭାବିତ ବ୍ୟାଚ୍‌କୁ ପ୍ରତ୍ୟାହାର କରିବା ଆରମ୍ଭ କରିଛି । ସାଲମୋନେଲା ବ୍ୟାକ୍ଟେରିଆ ଦୂଷିତ ଖାଦ୍ୟ ମାଧ୍ୟମରେ ମଣିଷକୁ ବ୍ୟାପିଥାଏ



। ସଂକ୍ରମଣ ଯୋଗୁଁ ଡାଇରିଆ, ଜ୍ୱର, ପେଟ ଦରଜ କରିବା, ବାନ୍ତି ଏବଂ ଦୁର୍ବଳତା ଆଦି ଲକ୍ଷଣ ଦେଖାଯାଇଥାଏ । ଏହି ସଂକ୍ରମଣ ଛୋଟ ପିଲା, ବୃଦ୍ଧ ଏବଂ ଦୁର୍ବଳ ପ୍ରତିରକ୍ଷା ପ୍ରଣାଳୀ ଥିବା ଲୋକଙ୍କ ପାଇଁ ଅଧିକ ବିପଦପୂର୍ଣ୍ଣ ସାବ୍ୟସ୍ତ ହୋଇଥାଏ ।ଅଧିକାଂଶ ଲୋକ କିଛି ଦିନ ମଧ୍ୟରେ ସୁସ୍ଥ ହୋଇଯାଆନ୍ତି, କିନ୍ତୁ ଗୁରୁତର ରୋଗୀଙ୍କୁ ହସ୍ପିଟାଲରେ ଭର୍ତ୍ତି କରିବାକୁ ପଡ଼ିଥାଏ । ସ୍ୱାସ୍ଥ୍ୟ ଅଧିକାରୀଙ୍କ ଅନୁଯାୟୀ, ଜୁନ୍ ୧୯ ରୁ ଜୁଲାଇ ୨୦ ମଧ୍ୟରେ ସଂକ୍ରମଣ ଘଟିଥିଲା ଏବଂ ତଦନ୍ତ ଜାରି ରହିଛି । ଅଧିକାରୀମାନେ ସଂକ୍ରମିତ ଲଙ୍କା କେଉଁ ସ୍ଥାନରେ ପହଞ୍ଚିଥିଲା ଏବଂ ଯୋଗାଣ ଶୃଙ୍ଖଳାର କେଉଁ ପର୍ଯ୍ୟାୟରେ ସଂକ୍ରମଣ ଘଟିଥିଲା ତାହା ନିର୍ଣ୍ଣୟ କରିବାକୁ ଚେଷ୍ଟା କରୁଛନ୍ତି । ବର୍ତ୍ତମାନ, ଅଧିକାରୀମାନେ କହିଛନ୍ତି ଯେ ପ୍ରଭାବିତ ଲଙ୍କା ସେମାନେ ପରିଦର୍ଶନ କରିଥିବା ରେଷ୍ଟୁରାଣ୍ଟରୁ ହଟାଇ ଦିଆଯାଇଛି ଏବଂ ବର୍ତ୍ତମାନ ଗ୍ରାହକମାନଙ୍କ ପାଇଁ କୌଣସି ବିପଦ ନାହିଁ ।

## ମୋଜତାବାଙ୍କ ସହ କଥାବାର୍ତ୍ତା କରିବା ବହୁ କଷ୍ଟକର: ପେଜେସ୍କିଆନ

**ନୂଆଦିଲ୍ଲୀ,୬।୮(ଏଜେନ୍ସି):** ଇରାନ ରାଷ୍ଟ୍ରପତି ମାସୁଦ ପେଜେସ୍କିଆନ କହିଛନ୍ତି ଯେ, ଏବେ ସର୍ବୋଚ୍ଚ ନେତା ମୋଜତାବା ଖେମିନିଙ୍କ ସହ କଥାବାର୍ତ୍ତା କରିବା ବହୁ କଷ୍ଟକର। ତେବେ ତାଙ୍କର ଉପସ୍ଥିତି ଦେଶର ନେତୃତ୍ୱ ପାଇଁ ଶକ୍ତିର ଏକ ବଡ଼ ଉତ୍ସ ହୋଇ ରହିଛି, ଯାହା ଆମ ଉପରେ ହୋଇଥିବା ଆକ୍ରମଣର ଜବାବ ଦେବାରେ ସହାୟକ ହେଉଛି। ଇରାନର ସରକାରୀ ଗଣମାଧ୍ୟମ,ଆଇଆରଆଇବି ସହିତ ଏକ ସାକ୍ଷାତକାରରେ ପେଜେସ୍କିଆନ କହିଛନ୍ତି ଯେ ଯଦିଓ ଇରାନର ସର୍ବୋଚ୍ଚ ନେତାଙ୍କ ସହ ସିଧାସଳଖ କଥାବାର୍ତ୍ତା କରିବା କଷ୍ଟକର, ଇରାନ ଏକ ଉତ୍ତେଜନାପୂର୍ଣ୍ଣ ସମୟ ଦେଇ ଗତି କରୁଥିବା ବେଳେ ମୋଜତାବାଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ସାବ୍ୟସ୍ତ ହେଉଛି ।ଇରାନ ଇଣ୍ଟରନ୍ୟାସନାଲ ରିପୋର୍ଟ ଅନୁସାରେ ପେଜେସ୍କିଆନ ଏକ କାରର ପଛ ସିଟରେ ମୋଜତାବାଙ୍କୁ ଭେଟିଥିଲେ। ତାଙ୍କୁ ଏହି ବୈଠକ ପାଇଁ ରାଜଧାନୀ ତେହେରାନର ଏକ ଗୁପ୍ତ ସ୍ଥାନକୁ ନିଆଯାଇଥିଲା, ଯେଉଁଠାରେ ତାଙ୍କୁ ଏକ ଅନ୍ଧାର, ଟେଣ୍ଟେଡ ୱିଣ୍ଡୋ ଥିବା କାରରେ ବସାଯାଇଥିଲା। ପେଜେସ୍କିଆନ ପଛ



ସିଟରେ ବସିଥିବା ବ୍ୟକ୍ତିଙ୍କ ସହିତ ମାତ୍ର କିଛି ମିନିଟ୍ ବିତାଇଥିଲେ। ସେ ବ୍ୟକ୍ତିଙ୍କୁ ମୋଜତାବା ବୋଲି କହି ଚିହ୍ନାଇ ଦିଆଯାଇଥିଲା। ପେଜେସ୍କିଆନ କହିଛନ୍ତି ଯେ ବୈଠକ ଫଳପ୍ରଦ ହୋଇଥିଲା, ମୋଜତାବା ଠୋସ୍ ଯୁକ୍ତି ଉପସ୍ଥାପନ କରିଥିଲେ। ଇରାନ ରାଷ୍ଟ୍ରପତି କହିଛନ୍ତି ଯେ କିଛି ଗୋଷ୍ଠୀ ମୋଜତାବାଙ୍କର ନକାରାତ୍ମକ ଭାବମୂର୍ତ୍ତି ଚିତ୍ରଣ କରି ପ୍ରଶାସନକୁ ବିଭାଜନ କରିବାକୁ ଚେଷ୍ଟା କରୁଛନ୍ତି ।ମୋଜତାବାଙ୍କୁ ତାଙ୍କ ପିତାଙ୍କ ଅନ୍ତିମ ସଂସ୍କାରରେ ମଧ୍ୟ ଦେଖାଯାଇ ନଥିଲା। ଇସ୍ରାଏଲ ଗୁପ୍ତଚର ସଂସ୍ଥା ମୋସାଦର କାର୍ଯ୍ୟକଳାପକୁ ଦୃଷ୍ଟିରେ ରଖି ଗୁପ୍ତସ୍ଥାନରେ ରହି ଲିଖିତ ବିବୃତି ଜାରି କରୁଛନ୍ତି, କିନ୍ତୁ ସାର୍ବଜନୀନ କାର୍ଯ୍ୟକ୍ରମରେ ତାଙ୍କର ଅନୁପସ୍ଥିତି ତାଙ୍କ ସ୍ୱାସ୍ଥ୍ୟ ଏବଂ ଅନ୍ୟ ବରିଷ୍ଠ ଅଧିକାରୀଙ୍କ ସହ ତାଙ୍କ ସମ୍ପର୍କ ନେଇ ପ୍ରଶ୍ନ ଉଠାଇଛି।

## ଆଶାରାମ ବାପୁଙ୍କୁ ବଡ଼ ଝଟକା: ଅନ୍ତରୀଣ ଜାମିନ ନାମଞ୍ଜୁର

**ନୂଆଦିଲ୍ଲୀ,୬।୮(ଏଜେନ୍ସି):** ଆଶାରାମ ବାପୁଙ୍କ ସମସ୍ୟା ବଢିବାରେ ଲାଗିଛି। ତାଙ୍କୁ ସୁପ୍ରିମକୋର୍ଟରୁ ଏକ ବଡ଼ ଝଟକା ମିଳିଛି। ନାବାଳିକାଙ୍କୁ ଦୁଷ୍କର୍ମ ଅଭିଯୋଗରେ ଆଜୀବନ କାରାଦଣ୍ଡ ଭୋଗୁଥିବା ଆଶାରାମ ବାପୁଙ୍କୁ ସୁପ୍ରିମକୋର୍ଟ ଅନ୍ତରୀଣ ଜାମିନ ଦେବାକୁ ମନା କରିଦେଇଛନ୍ତି। ୮୫ ବର୍ଷୀୟ ବୃଦ୍ଧ ଅସୁସ୍ଥତା କାରଣରୁ ଜାମିନ ପାଇଁ ଆବେଦନ କରିଥିଲେ। ଯୋଧପୁରର ଏମ୍ସରୁ ଏକ ଡାକ୍ତରୀ ରିପୋର୍ଟ ଆଧାରରେ, କୋର୍ଟ ଜାମିନକୁ ଅନାବଶ୍ୟକ ବୋଲି ବିବେଚନା କରିଛନ୍ତି।

ସୁପ୍ରିମକୋର୍ଟ ଏହି ଆବେଦନକୁ ନିଜ ପାଖରେ ରଖିଛନ୍ତି ଏବଂ କହିଛନ୍ତି ଯେ ଯଦି ତାଙ୍କ ଅବସ୍ଥା ଖରାପ ହୁଏ ତେବେ ସେ ପୁଣି ଥରେ ଜାମିନ ଆବେଦନ କରିପାରିବେ। ଶୁଣାଣି ସମୟରେ, ସୁପ୍ରିମକୋର୍ଟଙ୍କୁ ଏହା ମଧ୍ୟ ଅବଗତ କରାଯାଇଥିଲା ଯେ ଆଶାରାମଙ୍କୁ ବର୍ତ୍ତମାନ ହାଇକୋର୍ଟ ୨୦ ଦିନର ପାରୋଲ ପ୍ରଦାନ କରିଛନ୍ତି।ଯୋଧପୁର ଏମ୍ସ ରିପୋର୍ଟରେ କହିଛି ଯେ ଆଶାରାମଙ୍କୁ ହସ୍ପିଟାଲରେ ଭର୍ତ୍ତି କରିବାର ଆବଶ୍ୟକତା ନାହିଁ, କିନ୍ତୁ ତାଙ୍କ ସ୍ୱାସ୍ଥ୍ୟ ଉପରେ



୨୪ ଘଣ୍ଟା ନଜର ରଖିବା ଉଚିତ୍। ଏହି ରିପୋର୍ଟକୁ ଆଧାର କରି ସୁପ୍ରିମକୋର୍ଟ ମଧ୍ୟବର୍ତ୍ତୀକାଳୀନ ଜାମିନକୁ ଖାରଜ କରିଛନ୍ତି।୨୦୧୩ ମସିହାରେ ଜଣେ ନାବାଳିକାଙ୍କୁ ଦୁଷ୍କର୍ମ କରିବା ଅଭିଯୋଗରେ ରାଜସ୍ଥାନ ହାଇକୋର୍ଟ ତାଙ୍କୁ ଦୋଷୀ ସାବ୍ୟସ୍ତ କରି ଆଜୀବନ କାରାଦଣ୍ଡରେ ଦଣ୍ଡିତ କରିବା ପରେ ଆଶାରାମଙ୍କ ପକ୍ଷରୁ ଚ୍ୟାଲେଞ୍ଜ କରାଯାଇଥିଲା। ଅସୁସ୍ଥତା ଦର୍ଶାଇ ଆଶାରାମ ମଧ୍ୟ ଅନ୍ତରୀଣ ଜାମିନ ଆବେଦନ କରିଥିଲେ। ୨୧ ଜୁଲାଇରେ, ଖଣ୍ଡପୀଠ ଆଶାରାମ ବାପୁଙ୍କ ସ୍ୱାସ୍ଥ୍ୟ ଅବସ୍ଥା ଉପରେ ଏକ ଡାକ୍ତରୀ ରିପୋର୍ଟ ଦାଖଲ କରିବାକୁ ଏମ୍ସକୁ କହିଥିଲେ ଏବଂ ଚିକିତ୍ସା ଆଧାରରେ ତାଙ୍କ ଜାମିନ ଆବେଦନ ଉପରେ ବିଚାର କରିଥିଲେ।ଚଳିତ ବର୍ଷ ମେ' ମାସରେ, ରାଜସ୍ଥାନ ହାଇକୋର୍ଟ ଆଶାରାମଙ୍କୁ ଗଣଦୁଷ୍କର୍ମ ଏବଂ ପୋକ୍‌ସୋ ଆଇନର କିଛି ଧାରାରୁ ମୁକ୍ତ କରିଥିଲେ, କିନ୍ତୁ ଦୁଷ୍କର୍ମ ମାମଲାରେ ତାଙ୍କର ଦୋଷ ପ୍ରମାଣ କରିବା ପାଇଁ ଦୃଢ଼ ପ୍ରମାଣ ଦେଇ ତାଙ୍କର ଆଜୀବନ କାରାଦଣ୍ଡାଦେଶକୁ କାଏମ୍ ରଖିଥିଲେ ।

## ୨୦୩୦ ସୁଦ୍ଧା ଦାମ୍ ହେବ ୧୦ ଲକ୍ଷ!

**ନୂଆଦିଲ୍ଲୀ,୬।୮(ଏଜେନ୍ସି):** ସୁନା କେବଳ ଏକ ଅଳଙ୍କାର ନୁହେଁ, ବରଂ ଏହା ଭାରତୀୟ ପରିବାର ପାଇଁ ବିପତ୍ତି ସମୟର ସବୁଠାରୁ ବଡ଼ ଭରସା । କିନ୍ତୁ ଆପଣ କେବେ କଳ୍ପନା କରିଛନ୍ତି କି, ଆଜି ଯେଉଁ ସୁନା ଆପଣ ହଜାର ହଜାର ଟଙ୍କାରେ କିଣୁଛନ୍ତି, ତାହା ଦିନେ କୋଟିପତିଙ୍କ ସମ୍ପତ୍ତି ଭଳି ମନେ ହେବ । ବଜାର ବିଶେଷଜ୍ଞମାନେ ଏକ ଚକିତ କଲା ଭଳି ପୂର୍ବାନୁମାନ କରିଛନ୍ତି । ସେମାନଙ୍କ ଅନୁସାରେ, ୨୦୩୦ ମସିହାର ପ୍ରାରମ୍ଭିକ ବର୍ଷଗୁଡ଼ିକ ସୁଦ୍ଧା ୧୦ ଗ୍ରାମ ସୁନାର ମୂଲ୍ୟ ୧୦ ଲକ୍ଷ ଟଙ୍କା ଟପିଯାଇପାରେ । ବିଶ୍ୱ ବଜାରରେ ଏହାର ମୂଲ୍ୟ ପ୍ରତି ଆଉନ୍ସ ପିଛା ୧୦,୦୦୦ ଡଲାର ଅତିକ୍ରମ କରିବାକୁ ଯାଉଥିବାରୁ ଏଭଳି ଏକ ସ୍ଥିତି ଉପୁଜିବା ନେଇ ଆଶା କରାଯାଉଛି ।ବର୍ତ୍ତମାନ ସୁନା ଓ ରୁପା ଦରରେ ଯେଉଁ ଅହେତୁକ ବୃଦ୍ଧି ଦେଖାଦେଇଛି, ତାହା ପଛରେ ରହିଛି ବିଶ୍ୱର ଅଶାନ୍ତ ବାତାବରଣ । ବିଶେଷ କରି ମଧ୍ୟ-ପ୍ରାଚ୍ୟରେ ଜାରି ରହିଥିବା ଭୂ-ରାଜନୈତିକ ଉତ୍ତେଜନା କମିବାର ନାଁ ନେଉନାହିଁ । ଏଭଳି ସ୍ଥିତିରେ ନିବେଶକମାନେ ଶେୟାର ବଜାର ଅପେକ୍ଷା ସୁନା ଓ ରୁପାକୁ ସବୁଠାରୁ 'ସୁରକ୍ଷିତ ନିବେଶ' ଭାବେ ଗ୍ରହଣ କରୁଛନ୍ତି । ଏହି କାରଣରୁ ବଜାରରେ ଏକ ସକାରାତ୍ମକ ମାହୋଲ ସୃଷ୍ଟି ହୋଇଛି, ଯାହା ଆଗାମୀ ଦିନରେ ଦରକୁ ଆହୁରି ଉପରକୁ ନେଇଯିବ ।

### ଲକ୍ଷ୍ମୀପୁର ଖେରିରେ କୃଷକଙ୍କୁ ଗାଡି ମଡାଇ ମାରିବା ଘଟଣା

# ଅଭିଯୁକ୍ତ ଆଶିଷ ମିଶ୍ରାଙ୍କୁ ମିଳିଲାନି ଜାମିନ

**ନୂଆଦିଲ୍ଲୀ,୬।୮(ଏଜେନ୍ସି):** ଲଖୀମପୁର ଖେରୀ (୨୦୨୧) ହିଂସା ମାମଲାର ମୁଖ୍ୟ ଅଭିଯୁକ୍ତ ଆଶୀଷ ମିଶ୍ରଙ୍କୁ ସୁପ୍ରିମକୋର୍ଟରୁ ବଡ଼ ଝଟକା। ଜାମିନର ସର୍ତ୍ତରେ ଆହୁରି କୋହଳ କରିବାକୁ ସୁପ୍ରିମକୋର୍ଟ ଗୁରୁବାର (ଅଗଷ୍ଟ ୬) ମନା କରିଦେଇଛନ୍ତି।ନ୍ୟାୟମୂର୍ତ୍ତି ସୂର୍ଯ୍ୟକାନ୍ତ, ନ୍ୟାୟମୂର୍ତ୍ତି ଜୟମାଲ୍ୟ ବାଗଚୀ ଏବଂ ନ୍ୟାୟମୂର୍ତ୍ତି ଭି. ମୋହନାଙ୍କ ଖଣ୍ଡପୀଠ ସେହି ଆବେଦନକୁ ଖାରଜ କରିଛନ୍ତି, ଯେଉଁଥିରେ ଜାମିନର ସର୍ତ୍ତକୁ କୋହଳ କରିବା ସହ ପାରିବାରିକ କାର୍ଯ୍ୟକ୍ରମରେ ଯୋଗଦେବା ପାଇଁ ନିଜ ପୈତୃକ ସ୍ଥାନକୁ ଯିବାକୁ ଅନୁମତି ମାଗାଯାଇଥିଲା।ଆଶୀଷ ମିଶ୍ରଙ୍କ ପକ୍ଷରୁ ଓକିଲ କହିଥିଲେ ଯେ, ବର୍ତ୍ତମାନର କଟକଣା ଯୋଗୁଁ ସେ ନିଜ ଝିଅଙ୍କ ଜନ୍ମଦିନ ପାଳନ ସମେତ ବିଭିନ୍ନ ପାରିବାରିକ କାର୍ଯ୍ୟକ୍ରମରେ ଯୋଗଦେଇ ପାରୁନାହାନ୍ତି।ଏହାର ଜବାବରେ ପ୍ରଧାନ



ବିଚାରପତି କହିଥିଲେ, "ଏହି ମାମଲାରେ ବିଚାର କରିବା ପାଇଁ କୌଣସି ଆଧାର ନାହିଁ। ତେଣୁ ଆବେଦନକୁ ଖାରଜ କରାଯାଉଛି।" ଶୁଣାଣି ସମୟରେ ପୀଡ଼ିତ କୃଷକମାନଙ୍କ ପକ୍ଷରୁ ଉପସ୍ଥିତ ବରିଷ୍ଠ ଆଇନଜୀବୀ ପ୍ରଶାନ୍ତ ଭୂଷଣ ମଧ୍ୟ ମାମଲାର ବିଚାର ପ୍ରକ୍ରିୟାକୁ ନେଇ ଚିନ୍ତା ପ୍ରକାଶ କରିଥିଲେ।ଲକ୍ଷ୍ମୀପୁର ଖେରୀ ହିଂସା ମାମଲାର ଶୁଣାଣି ବେଳେ ପୀଡ଼ିତ କୃଷକମାନଙ୍କ ପକ୍ଷରୁ ଉପସ୍ଥିତ ବରିଷ୍ଠ ଆଇନଜୀବୀ ପ୍ରଶାନ୍ତ ଭୂଷଣ ଟ୍ରାଏଲ୍ ପ୍ରକ୍ରିୟାକୁ ନେଇ ଗୁରୁତର ପ୍ରଶ୍ନ ଉଠାଇଛନ୍ତି। ଏକ ଜାତୀୟ ଗଣମାଧ୍ୟମର ରିପୋର୍ଟ ଅନୁଯାୟୀ, ସେ ଅଭିଯୋଗ କରିଛନ୍ତି ଯେ ମାମଲାର ଦ୍ରୁତ ଶୁଣାଣି କାରଣରୁ ଅନେକ ଗୁରୁତ୍ୱପୂର୍ଣ୍ଣ ସାକ୍ଷୀ, ଯାହାଙ୍କ ମଧ୍ୟରେ ପ୍ରତ୍ୟକ୍ଷଦର୍ଶୀ ସାକ୍ଷୀ ମଧ୍ୟ ଅଛନ୍ତି, ସେମାନଙ୍କୁ ସାକ୍ଷୀ ତାଲିକାରୁ ବାଦ ଦିଆଯାଉଛି ।ପ୍ରଶାନ୍ତ ଭୂଷଣ କହିଛନ୍ତି ଯେ ଟ୍ରାଏଲ୍ କେମିତି ଚାଲିଛି ତାହା ନେଇ ମଧ୍ୟ ସମସ୍ୟା ରହିଛି। ସେ କହିଥିଲେ, ଅନେକ ଗୁରୁତ୍ୱପୂର୍ଣ୍ଣ ସାକ୍ଷୀଙ୍କୁ ପରଦିନ ହାଜର ହେବାକୁ କୁହାଯାଉଛି। କିନ୍ତୁ ସେମାନେ କୌଣସି କାରଣରୁ ପରଦିନ ଆସିପାରିନଥିଲେ, ସେମାନଙ୍କୁ ସିଧାସଳଖ ସାକ୍ଷୀ ତାଲିକାରୁ ବାଦ ଦିଆଯାଉଛି ।ଭୂଷଣ କହିଥିଲେ ଯେ ସେ ଏହି ପ୍ରସଙ୍ଗଗୁଡ଼ିକୁ ନେଇ ଏକ ଆବେଦନ ଦାଖଲ କରିବାକୁ ଚାହୁଁଛନ୍ତି। ଏହାର ଜବାବରେ ପ୍ରଧାନ ବିଚାରପତି କହିଥିଲେ ଯେ ଏଭଳି ଅଭିଯୋଗ ପ୍ରଥମେ ଟ୍ରାଏଲ୍ କୋର୍ଟ ସମ୍ମୁଖରେ ଉଠାଇବା ଉଚିତ। ଖଣ୍ଡପୀଠ କହିଥିଲେ ଯେ ସମ୍ପୃକ୍ତ ସାକ୍ଷୀମାନେ କାହିଁକି ଗୁରୁତ୍ୱପୂର୍ଣ୍ଣ ଏବଂ କେଉଁ ପ୍ରସଙ୍ଗ ସହ ଜଡିତ, ତାହା ଟ୍ରାଏଲ୍ କୋର୍ଟକୁ ଜଣାଇବା ଦରକାର ।ଭୂଷଣ ଆହୁରି କହିଥିଲେ ଯେ କିଛି ଦଲିଲର ଅନୁବାଦ କାମ ଚାଲିଛି। ସେ ଏକ ଅଲଗା ମାମଲାର ଉଲ୍ଲେଖ କରି କହିଥିଲେ ଯେ ଜଣେ ବ୍ୟକ୍ତିଙ୍କ ବିରୋଧରେ ସାକ୍ଷୀଙ୍କୁ ପ୍ରଭାବିତ କରିବା ଅଭିଯୋଗରେ ଚାର୍ଜଶିଟ୍ ଦାଖଲ ହୋଇଥିଲା। ଯେଉଁ ସାକ୍ଷୀଙ୍କୁ ଧମକ ଦିଆଯାଇଥିବା ଅଭିଯୋଗ ଥିଲା, ପରେ ତାଙ୍କୁ ସାକ୍ଷୀ ତାଲିକାରୁ ବାଦ ଦିଆଯାଇଥିଲା। ବର୍ତ୍ତମାନ ସେ ଟ୍ରାଏଲରେ ସାମିଲ ହେବା ପାଇଁ ଆବେଦନ କରିଛନ୍ତି।

# ଲୋକସଭାରେ ତାଳଚେର ଥର୍ମାଲ ନୂତନ ପ୍ଲାଣ୍ଟ ସମ୍ପର୍କରେ ସାଂସଦ ରୁଦ୍ର ନାରାୟଣ ପାଣିଙ୍କ ପ୍ରଶ୍ନ

ଅନୁଗୋଳ, ୬।୮(ନି.ପ୍ର.): : ଲୋକସଭା ରେ ଢେଙ୍କାନାଳ ସାଂସଦ ରୁଦ୍ର ନାରାୟଣ ପାଣି ପ୍ରଶ୍ନ ସଂଖ୍ୟା - ୩୧୭୨ ରେ ତାଳଚେର ଏନଟିପିସି ଥର୍ମାଲ ସମ୍ପର୍କ ରେ ବିଶେଷ ଭାବେ ଉଥାପନ କରିଛନ୍ତି । କେନ୍ଦ୍ର ସରକାରଙ୍କର ବିଦ୍ୟୁତ ମନ୍ତ୍ରୀ ଙ୍କୁ ପ୍ରଶ୍ନ କରିଛନ୍ତି । କଣ ସରକାର ଓଡ଼ିଶାର ତାଳଚେରଠାରେ ସ୍ଥାପନ କରାଯାଉଥିବା ଜାତୀୟ ତାପଜ ବିଦ୍ୟୁତ ନିଗମ (ଏନଟିପିସି) ର ବିଦ୍ୟୁତ ଉତ୍ପାଦନ କେନ୍ଦ୍ରର ନିର୍ମାଣ କାର୍ଯ୍ୟକୁ ଅଧିକ ତ୍ୱରାନ୍ୱିତ କରିବା ପାଇଁ ବିଚାର କରୁଛନ୍ତି, ଯଦି ହଁ, ତେବେ ସେ ସମ୍ବନ୍ଧୀୟ ବିବରଣୀ କଣ ?

ଏହି ପ୍ରକଳ୍ପରେ ବିଳମ୍ବ ହେବାର କାରଣ କଣ ଏବଂ କେଉଁ କେଉଁ କ୍ଷେତ୍ର/କ୍ଷେତ୍ରଗୁଡ଼ିକରେ ଏହି ବିଳମ୍ବ ହେଉଛି, ଏବଂକଣ ସରକାର/ଏନଟିପିସି ଏନଟିପିସି ର ନୂତନ କେନ୍ଦ୍ରରେ ନୂଆ ପ୍ରକଳ୍ପ ପାଇଁ ରୋଜଗାର/ନିଯୁକ୍ତିରେ ପୂର୍ବବର୍ତ୍ତୀ ତାଳଚେର ତାପଜ ବିଦ୍ୟୁତ କେନ୍ଦ୍ରର ପୂର୍ବତନ କର୍ମଚାରୀ, ସେମାନଙ୍କ ପରିବାର ସଦସ୍ୟ ଏବଂ ସ୍ଥାନୀୟ ବାସିନ୍ଦାଙ୍କୁ ପ୍ରାଥମିକତା ଦେବାକୁ ବିଚାର କରୁଛନ୍ତି ଏବଂ ଯଦି ହଁ, ତେବେ




ସେ ସମ୍ବନ୍ଧୀୟ ବିବରଣୀ କଣ ? ବୋଲି ସାଂସଦ ଶ୍ରୀ ପାଣି ପ୍ରଶ୍ନ କରିଛନ୍ତି । ସାଂସଦ ଙ୍କ ପ୍ରଶ୍ନ ର ଉତ୍ତର ଦେଇ ଭାରତ ସରକାର ଙ୍କର ବିଦ୍ୟୁତ ରାଜ୍ୟ ମନ୍ତ୍ରୀଶ୍ରୀପାଦ ନାୟକ ପ୍ରକାଶ କରିଛନ୍ତି ଯେ ତାଳଚେର ତାପଜ ବିଦ୍ୟୁତ ପ୍ରକଳ୍ପ (ପର୍ଯ୍ୟାୟ-ଓଓଓ, ୨୫୬୬୦ ମେଗାୱାଟ) ଓଡ଼ିଶା ରାଜ୍ୟର ଅନୁଗୋଳ ଜିଲ୍ଲାରେ କାର୍ଯ୍ୟକାରୀ କରାଯାଉଛି । ପ୍ରକଳ୍ପର ବର୍ତ୍ତମାନର ଭୌତିକ ଅଗ୍ରଗତି ୫୧.୪% ଅଟେ ।ଜିଲ୍ଲା ପ୍ରଶାସନ, ରାଜ୍ୟ କର୍ତ୍ତୃପକ୍ଷ ଏବଂ ଅନ୍ୟାନ୍ୟ ପିଏସୟୁ (ଚଝଟ)/ସରକାରୀ ସଂଗଠନ ସହିତ ସମସ୍ତ ଅଂଶୀଦାରଙ୍କ ସହଯୋଗ ଏବଂ ନିବିଡ଼ ସମନ୍ୱୟ ଦ୍ୱାରା ପ୍ରକଳ୍ପର କାର୍ଯ୍ୟକୁ ତ୍ୱରାନ୍ୱିତ କରାଯାଉଛି । ଏହି ପ୍ରକଳ୍ପକୁ ଆର୍ଥିକ ବର୍ଷ ୨୦୨୮-୨୯ ର ପ୍ରଥମ ତ୍ରୈମାସିକ ସୁଦ୍ଧା ସମ୍ପୂର୍ଣ୍ଣ କରିବାକୁ ଲକ୍ଷ୍ୟ ରଖାଯାଇଛି । ତାଳଚେର ତାପଜ ବିଦ୍ୟୁତ ପ୍ରକଳ୍ପରେ ବିଳମ୍ବ ହେବାର କାରଣ ହେଉଛି ପ୍ରକଳ୍ପ ସ୍ଥଳ ଦେଇ ଯାଇଥିବା ରାସ୍ତା ବନ୍ଦ କରିବାରେ ବିଳମ୍ବ, ରାଜ୍ୟ ସରକାରଙ୍କ ଦ୍ୱାରା ଜମିର ଭୌତିକ କବ୍ଜା/ ବ୍ୟବହାର ଅଧିକାର (ଆରଓୟୁ)/ ମାର୍ଗାଧିକାର(ଆରଓଡବ୍ଲ୍ୟୁ) ହସ୍ତାନ୍ତର କରିବା, ରେଳବାଇ ସାଇଡିଂ ଅଞ୍ଚଳରେ ଜବରଦଖଲ ହଟାଇବା ଏବଂ ପ୍ରକଳ୍ପ ସ୍ଥଳରେ ଜରୁରୀ ପ୍ରକଳ୍ପ ସାମଗ୍ରୀର ଅନଲୋଡିଂ, : ତାଳଚେର ତାପଜ ବିଦ୍ୟୁତ କେନ୍ଦ୍ର (ଟିଟିପିଏସ) କୁ ଏନଟିପିସି ଦ୍ୱାରା ଦିନାଙ୍କ ୦୩.୦୬.୧୯୯୫ ରୁ ପୂର୍ବତନ ଓଡ଼ିଶା ରାଜ୍ୟ ବିଦ୍ୟୁତ ବୋର୍ଡ (ଓଏସଇବି) ଠାରୁ ନିଆଯାଇଥିଲା । ଓଏସଇବି ର ପୂର୍ବତନ କର୍ମଚାରୀମାନଙ୍କୁ ଏନଟିପିସି ର ସେବାରେ ସାମିଲ କରାଯାଇଥିଲା ।ଚୁକ୍ତିଭିତ୍ତିକ ଏଜେନ୍ସିଗୁଡ଼ିକ ଦ୍ୱାରା ବିଭିନ୍ନ ଚାକିରିରେ ନିଯୁକ୍ତି ପାଇଁ ସ୍ଥାନୀୟ ଶ୍ରମିକମାନଙ୍କୁ ସେମାନଙ୍କର ଦକ୍ଷତା, ଅଭିଜ୍ଞତା ଏବଂ ପ୍ରକଳ୍ପର ଆବଶ୍ୟକତା ଅନୁଯାୟୀ ଉଚିତ ପ୍ରାଥମିକତା ଦିଆଯାଉଛି । ବୋଲି ମନ୍ତ୍ରୀ କହିଛନ୍ତି ।

# ଶକ୍ତି ପ୍ରଗତିର ଇଞ୍ଜିନ୍ - ଓଡ଼ିଶା, ସ୍ୱଚ୍ଛ ଶକ୍ତି ଓ ଶିଳ୍ପ ବିକାଶ ଆଡ଼କୁ ଦ୍ରୁତ ପଦକ୍ଷେପ

ଭୁବନେଶ୍ୱର,୬।୮(ନି.ପ୍ର.): ଦେଶର 'ଶକ୍ତି ପ୍ରଗତିର ଇଞ୍ଜିନ୍' ଭାବେ ଓଡ଼ିଶା ନିଜର ସ୍ୱଚ୍ଛ ଶକ୍ତି ଓ ଶିଳ୍ପ ବିକାଶକୁ ଦ୍ରୁତ ଗତିରେ ଆଗେଇ ନେଉଛି । ୨୦୩୦ ସୁଦ୍ଧା ରାଜ୍ୟରେ ୧୧ ଗିଗାୱାଟ୍ ଅକ୍ଷୟ ଶକ୍ତି ଉତ୍ପାଦନର ଲକ୍ଷ୍ୟ ରଖାଯାଇଛି । ଆଇଇଇଏମଏ ଏବଂ ଓଡ଼ିଶା ସରକାରଙ୍କ ମିଳିତ ସମ୍ମିଳନୀରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉପ-ମୁଖ୍ୟମନ୍ତ୍ରୀ ତଥା ଶକ୍ତି ମନ୍ତ୍ରୀ ଶ୍ରୀ କନକ ବର୍ଦ୍ଧନ ସିଂହଦେଓ କହିଛନ୍ତି ଯେ ଓଡ଼ିଶା ଏକ ବିଦ୍ୟୁତ୍-ବଳକା ରାଜ୍ୟ । ଏହି କାର୍ଯ୍ୟକ୍ରମରେ ଶିଳ୍ପ ମନ୍ତ୍ରୀ ଶ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ ଯୋଗଦେଇ କହିଥିଲେ ଯେ ରାଜ୍ୟର ଉନ୍ନତ ଭିତିଭୂମି ଓ ନିବେଶକ-ଅନୁକୂଳ ନୀତି ଯୋଗୁଁ ଓଡ଼ିଶା ଶିଳ୍ପ ଏବଂ ସବୁଜ ଶକ୍ତି ଉତ୍ପାଦନ ପାଇଁ ଶ୍ରେଷ୍ଠ ସ୍ଥାନ ପାଲଟିଛି ।ପ୍ରଧାନମନ୍ତ୍ରୀଙ୍କ 'ପୂର୍ବୋଦୟ' ଯୋଜନା ଅନୁଯାୟୀ, ରାଜ୍ୟରେ ଆଧୁନିକ ସ୍ମାର୍ଟ ଗ୍ରିଡ୍, ଡିଜିଟାଲ୍ ସବଷ୍ଟେସନ୍ ଏବଂ ଏଆଇ-ସକ୍ଷମ ବ୍ୟବସ୍ଥା ମାଧ୍ୟମରେ ଶକ୍ତି କ୍ଷେତ୍ରକୁ ଆହୁରି ମଜବୁତ୍ କରିବାକୁ ନିଷ୍ପତି ନିଆଯାଇଛି ।ଓଡ଼ିଶାରେ ୧୦ ଲକ୍ଷ କୋଟି ଟଙ୍କାର ବିଶାଳ ନିବେଶ ଯୋଜନା ଚାଲୁଥିବାରୁ, ଏଠାରେ ଉଚ୍ଚମାନର ଇଲେକ୍ଟ୍ରିକାଲ୍ ଉପକରଣ ଓ ଟ୍ରାନ୍ସଫର୍ମରର ବଡ଼ ଚାହିଦା ସୃଷ୍ଟି ହେଉଛି । ଉତମ ବନ୍ଦର ସଂଯୋଗୀକରଣ ଓ ଭୌଗୋଳିକ ସ୍ଥିତି ଯୋଗୁଁ, ଏଠାରେ ତିଆରି ହେଉଥିବା ଉପକରଣକୁ ପୂର୍ବ, ଉତର-ପୂର୍ବ ଭାରତ ସମେତ ବିଦେଶକୁ ମଧ ସହଜରେ ରପ୍ତାନି କରାଯାଇପାରିବ । 'ଓଡ଼ିଶାରେ ଉତ୍ପାଦନ କରନ୍ତୁ, ନବୋନ୍ମେଷ କରନ୍ତୁ ଏବଂ ସମୃଦ୍ଧ ହୁଅନ୍ତୁ' — ଏହି ନାରା ଦେଇ ଉପ-ମୁଖ୍ୟମନ୍ତ୍ରୀ ଶ୍ରୀ ସିଂହଦେଓ ବିଶ୍ୱର ଶିଳ୍ପପତି ଓ ନିବେଶକମାନଙ୍କୁ ଓଡ଼ିଶାରେ ନିବେଶ କରିବାକୁ ଆହ୍ୱାନ ଜଣାଇଛନ୍ତି । ସେ ସ୍ଥାୟୀ ନୀତି, ସ୍ୱଚ୍ଛ ଶାସନ ଓ ସରକାରୀ ସହଯୋଗର ପ୍ରତିଶ୍ରୁତି ଦେଇଛନ୍ତି ।

# ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରନ୍ତୁ : ମୁଖ୍ୟ ଶାସନ ସଚିବ

ଭୁବନେଶ୍ୱର, , ୬।୮(ନି.ପ୍ର.): ବିକଶିତ ଓଡ଼ିଶା-୨୦୩୬ ଏବଂ ବିକଶିତ ଭାରତ-୨୦୪୭ ଲକ୍ଷ୍ୟ ହାସଲରେଜନଜାତି ଯୁବବର୍ଗଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ



କରନ୍ତୁ ବୋଲି ରାଜ୍ୟ ମୁଖ୍ୟ ଶାସନ ସଚିବ ଶ୍ରୀମତୀ ଅନୁ ଗର୍ଗ ଆହ୍ୱାନ ଦେଇଛନ୍ତି । ଭିଜନ ଓଡ଼ିଶା ଲକ୍ଷ୍ୟ ସାଧନ ପାଇଁ ଜନଜାତି ସମ୍ପ୍ରଦାୟକୁ ଉନ୍ନୟନର ମୁଖ୍ୟ ସ୍ରୋତ ସହ ଅଧିକ ସଂଯୋଜିତ କରି ସେମାନଙ୍କ ପାଇଁ ଶିକ୍ଷା, ଦକ୍ଷତା, ସ୍ୱାସ୍ଥ୍ୟ, ପୁଷ୍ଟିସାଧନ, ଜୀବିକା ଏବଂ ରୋଜଗାର ସୃଷ୍ଟି ଉପରେ ତୃଣମୂଳ ସ୍ତରରେ ଫଳପ୍ରଦ କାର୍ଯ୍ୟ କରିବାକୁ ସେ କ୍ଷେତ୍ରସ୍ତରୀୟ ଅଧିକାରୀମାନଙ୍କୁ ଆହ୍ୱାନ ଦେଇଛନ୍ତି ।

ଲୋକସେବା ଭବନସ୍ଥିତ ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ, ସଂଖ୍ୟାଲଘୁ ଓ ପଛୁଆ ବର୍ଗ କଲ୍ୟାଣ ବିଭାଗ ସମ୍ମିଳନୀ କକ୍ଷରେ ଗତକାଲି ମଙ୍ଗଳବାର ଅନୁଷ୍ଠିତ ଏକ ସମୀକ୍ଷା ବୈଠକରେ ଅଧକ୍ଷତା କରି ସେ ଏହା ପ୍ରକାଶ କରିଛନ୍ତି । ବୈଠକରେ ବିଭାଗର କମିଶନର-ତଥା-ଶାସନ ସଚିବ ଶ୍ରୀ ବି. ପରମେଶ୍ୱରନଙ୍କ ସମେତ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିବାବେଳେ ଆଭାସୀ ମାଧ୍ୟମରେ ବିଭିନ୍ନ ଜିଲ୍ଲାରୁ ସମନ୍ୱିତ ଜନଜାତି ଉନ୍ନୟନ ସଂସ୍ଥା (ଆଇଟିଡିଏ)ର ପ୍ରକଳ୍ପ ପ୍ରଶାସକ, ଜିଲ୍ଲା କଲ୍ୟାଣ ଅଧିକାରୀ ଏବଂ ମାଇକ୍ରୋ ପ୍ରକଳ୍ପଗୁଡ଼ିକର ସ୍ୱତନ୍ତ୍ର ଅଧିକାରୀମାନେ ଯୋଗଦେଇଥିଲେ ।ମୁଖ୍ୟ ଶାସନ ସଚିବ ପରାମର୍ଶ ଦେଇଥିଲେ ଯେ, ଯେଉଁ ଜନଜାତି ଯୁବକ ଓ ଯୁବତୀମାନେ ଦେଶ ବା ବିଦେଶରେ ଉଚ୍ଚଶିକ୍ଷା ଓ ବିଭିନ୍ନ କ୍ଷେତ୍ରରେ ସଫଳତା ହାସଲ କରିଛନ୍ତି, ସେମାନଙ୍କୁ 'ରୋଲ୍ ମଡେଲ୍' ତଥା ଆଦର୍ଶ ଭାବେ ବିଭିନ୍ନ ଆଶ୍ରମ ବିଦ୍ୟାଳୟ ଓ ବିଭାଗ ଅଧିନସ୍ଥ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ସହ ସଂଯୋଗ କରି ବିଦ୍ୟାଳୟ ପରିଦର୍ଶନ କିମ୍ବା ଅନଲାଇନ୍ ମାଧ୍ୟମରେ ସେମାନେ ନିଜ ନିଜର ଅନୁଭୂତି ବାଣ୍ଟି ନୂତନ ପିଢ଼ିକୁ ଉଚ୍ଚଶିକ୍ଷା ଓ ଉଚ୍ଚ ମାନର ବୃତି ଚୟନ ପାଇଁ ପ୍ରେରଣା ଦିଅନ୍ତୁ ବୋଲି ମୁଖ୍ୟ ଶାସନ ସଚିବ ଆହ୍ୱାନ ଦେଇଛନ୍ତି ।

# ବିଧାନସଭା ପରିସରରେ ପଣ୍ଡିତ ନୀଳକଣ୍ଠ ଦାସଙ୍କ ଜୟନ୍ତୀ ପାଳିତ

ଭୁବନେଶ୍ୱର,, ୬।୮(ନି.ପ୍ର.): ପ୍ରଚଣ୍ଡ ପ୍ରତିଭାଦୀପ୍ତ ଜ୍ଞାନପିପାସୁ ପଣ୍ଡିତ ନୀଳକଣ୍ଠ ଦାସ ତାଙ୍କ ଛାତ୍ରଜୀବନରୁ ଜାତୀୟତାବାଦରେ ଉଦ୍‌ବୁଦ୍ଧ ହୋଇ ସ୍ୱାଧୀନତା ଆନ୍ଦୋଳନର ମୁଖ୍ୟସ୍ରୋତରେ ସାମିଲ ହୋଇଥିଲେ । ସେ ତତ୍‌କାଳୀନ ସମାଜରେ ପ୍ରଚଳିତ ଏକାଧିକ କୁସଂସ୍କାର ବିରୁଦ୍ଧରେ ସଂଗ୍ରାମ ଜାରି ରଖିଥିଲେ । ସେ ଥିଲେ ବହୁମୁଖୀ ପ୍ରତିଭାର ଅଧିକାରୀ । ଓଡ଼ିଶା ସ୍ୱତନ୍ତ୍ର ପ୍ରଦେଶ ଗଠନ ଆନ୍ଦୋଳନରେ ନୀଳକଣ୍ଠ ସକ୍ରିୟ ଯୋଗଦାନ କରିଥିଲେ । ଓଡ଼ିଶା ବିଧାନସଭାର ବାଚସ୍ପତି ପଦ ମଣ୍ଡନ କରିବା ସହିତ ସେ ଓଡ଼ିଶା ସାହିତ୍ୟ ଏକାଡେମୀର ସଭାପତି ପଦ ମଧ୍ୟ ଅଳଙ୍କୃତ କରିଥିଲେ । ସେ ଥିଲେ ଏକାଧାରରେ ସଂଗ୍ରାମୀ, ସଂସ୍କାରକ, ଅଧ୍ୟାପକ, ଶିକ୍ଷାବିତ୍, ରାଜନେତା, ବାଗ୍ମୀ ଓ ସୁଲେଖକ । ଓଡ଼ିଶା ଇତିହାସରେ ତାଙ୍କର କୃତି ଓ କୀର୍ତି ଚିର ଉଜ୍ଜ୍ୱଳ ରହିବ । ପଣ୍ଡିତ ନୀଳକଣ୍ଠ ଦାସଙ୍କର ୧୪୨ତମ ଜୟନ୍ତୀ ଅବସରରେ ବିଧାନସଭା ପରିସରରେ ଆୟୋଜିତ ସଂକ୍ଷିପ୍ତ ଉତ୍ସବରେ ବାଚସ୍ପତି ଶ୍ରୀମତୀ ସୁରମା ପାଢ଼ୀ, ପୂର୍ବତନ ବିଧାୟକ ଶ୍ରୀ ପ୍ରିୟଦର୍ଶୀ ମିଶ୍ର, ପଣ୍ଡିତ ନୀଳକଣ୍ଠ ଦାସ ସ୍ମୃତି ସମିତି ଓ ଉତ୍କଳ ସମ୍ମିଳନୀର କର୍ମକର୍ତା, ପୂଜ୍ୟପୂଜା ସଂସ୍କୃତି ସୁରକ୍ଷା ଅଭିଯାନର ସଭାପତି, ବିଧାନସଭାର ସଚିବ ଶ୍ରୀ ସତ୍ୟବ୍ରତ ରାଉତ ପ୍ରମୁଖ ପଣ୍ଡିତ ନୀଳକଣ୍ଠଙ୍କ ପ୍ରତିମୂର୍ତିରେ ପୁଷ୍ପଗୁଚ୍ଛ ପ୍ରଦାନ କରି ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ ।

# ସ୍ୱାଧୀନତା ଦିବସ ପାଳନ ନେଇ ସୂଚନା ଓ ଲୋକସଂପର୍କ ବିଭାଗ ପକ୍ଷରୁ ପ୍ରସ୍ତୁତି ବୈଠକ ଅନୁଷ୍ଠିତ

ଭୁବନେଶ୍ୱର, ୬।୮(ନି.ପ୍ର.): ଚଳିତ ବର୍ଷ ୮୦ତମ ରାଜ୍ୟସ୍ତରୀୟ ସ୍ୱାଧୀନତା ଦିବସରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଜାତୀୟ ପତାକା ଉତୋଳନ କରିବେ ।

ଏହି ପରିପ୍ରେକ୍ଷୀରେ ବୁଧବାର ଅପରାହ୍ଣରେ ସୂଚନା ଓ ଲୋକସଂପର୍କ ବିଭାଗ ପକ୍ଷରୁ ସ୍ୱାଧୀନତା ଦିବସ-୨୦୨୬ ପାଳନର ରୂପରେଖ ସଂପର୍କରେ ଏକ ପ୍ରସ୍ତୁତି ବୈଠକ ବିଭାଗୀୟ ଅତିରିକ୍ତ ମୁଖ୍ୟ ଶାସନ ସଚିବ ହେମନ୍ତ ଶର୍ମାଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ସ୍ୱାଧୀନତା ଦିବସ ଆମ ସମସ୍ତଙ୍କ ଭାବାବେଗ ଏବଂ ଗର୍ବର ପ୍ରତୀକ ହୋଇଥିବାରୁ ଉତ୍ସବ ଆୟୋଜନ ସମୟରେ ସମସ୍ତ ବିଷୟକୁ ଟିକିନିଖି ଭାବେ ଗୁରୁତ୍ୱ ଦେବାକୁ ଅତିରିକ୍ତ ମୁଖ୍ୟ ଶାସନ ସଚିବ ବୈଠକରେ ନିର୍ଦ୍ଦେଶ ଦେଇଥିଲେ ।

ଚଳିତ ବର୍ଷ ମହାତ୍ମା ଗାନ୍ଧୀ ମାର୍ଗଠାରେ ସକାଳ ୯ ଘଟିକା ସମୟରେ ମୁଖ୍ୟମନ୍ତ୍ରୀ ଆନୁଷ୍ଠାନିକ ଭାବେ ପତାକା ଉତୋଳନ କରିବେ । ସୂଚନା ଓ ଲୋକସଂପର୍କ ବିଭାଗ ଦ୍ୱାରା ପ୍ୟାରେଡ୍ ଓ ପତାକା ଉତୋଳନ ସ୍ଥାନଠାରେ ଆନୁଷଙ୍ଗିକ ବ୍ୟବସ୍ଥା ଗ୍ରହଣ, ପ୍ରଭାତରେ ଡାକବାଜି ଯନ୍ତ୍ର ସାହାଯ୍ୟରେ ରାମଧୁନ ପରିବେଷଣ, ସ୍ୱାଧୀନତା ଦିବସ ଉତ୍ସବର ଟିଭି ଓ ସାମାଜିକ ଗଣମାଧ୍ୟମ ଯୋଗେ ସିଧା ପ୍ରସାରଣ, ଗଣମାଧ୍ୟମକୁ ସୂଚନା ପ୍ରଦାନ, ଉତ୍ସବସ୍ଥଳର ସାଜସଜ୍ଜା, ବରପୁତ୍ରମାନଙ୍କ ଫଟୋଚିତ୍ର ପ୍ରଦର୍ଶନ, ନିମନ୍ତ୍ରିତ ଅତିଥିଙ୍କ ଉପବେଶନ ବ୍ୟବସ୍ଥା ନେଇ ବୈଠକରେ ବିସ୍ତୃତ ଆଲୋଚନା ହୋଇଥିଲା । ରାଜଭବନରୁ ଉତ୍ସବସ୍ଥଳ ପର୍ଯ୍ୟନ୍ତ ରାସ୍ତାକୁ ସୁସଜ୍ଜିତ କରାଯିବ । ସାଧାରଣତନ୍ତ୍ର ଦିବସ-୨୦୨୬ରେ ଆୟୋଜିତ ରାଜ୍ୟସ୍ତରୀୟ ପ୍ୟାରେଡ୍ ରେ ଶ୍ରେଷ୍ଠ ବିବେଚିତ ବିଭିନ୍ନ କଂଟିଜେଂଟ ଓ ପ୍ରଜ୍ଞାପନ ମେଢ଼କୁ ମୁଖ୍ୟମନ୍ତ୍ରୀ ପୁରସ୍କାର ପ୍ରଦାନ ସହ ସମ୍ବର୍ଦ୍ଧିତ କରିବେ । ଏଥି ସହ ଉତ୍ସବସ୍ଥଳକୁ ଆକର୍ଷଣୀୟ ସାଜସଜ୍ଜା କରିବା ପାଇଁ ଅତିରିକ୍ତ ମୁଖ୍ୟ ଶାସନ ସଚିବ ଶ୍ରୀ ଶର୍ମା ପରାମର୍ଶ ଦେଇଥିଲେ । ଚଳିତ ସ୍ୱାଧୀନତା ଦିବସ ଅବସରରେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବିଭିନ୍ନ କୋଠା, ସରକାରୀ ଉଦ୍ୟୋଗ ଓ ପ୍ରମୁଖ କୋଠାର ଆଲୋକୀକରଣ କରାଯିବ । ଭୁବନେଶ୍ୱର ମହାନଗର ନିଗମ ପକ୍ଷରୁ ଉତ୍ସବ ସ୍ଥଳର ସାନିଟାଇଜେସନ୍ ଓ ପିଇବା ପାଣି ବ୍ୟବସ୍ଥା କରାଯିବ । ସେହିପରି ସୁରକ୍ଷା ବ୍ୟବସ୍ଥା ତଥା ଟ୍ରାଫିକ୍ ନିୟନ୍ତ୍ରଣକୁ କମିଶନରେଟ୍ ପୋଲିସ ପକ୍ଷରୁ ପରିଚାଳନା କରାଯିବ ।

ଏହି ବୈଠକରେ ବିଭାଗୀୟ ନିର୍ଦ୍ଦେଶକ ଅନୁଜ କୁମାର ଦାସ ପଟ୍ଟନାୟକ, ନିର୍ଦ୍ଦେଶକ(ବୈଷୟିକ) ଗୁରବୀର ସିଂ, ଅତିରିକ୍ତ ଶାସନ ସଚିବ ଅଶୋକ କୁମାର ବେଉରିଆ, ଅତିରିକ୍ତ ନିର୍ଦ୍ଦେଶକ ଶ୍ରୀମତୀ ସ୍ମିତା କର, ଯୁଗ୍ମ ନିର୍ଦ୍ଦେଶକ(କ୍ଷେତ୍ର) ଶ୍ରୀମତୀ ସୁଚେତା ପ୍ରିୟଦର୍ଶିନୀଙ୍କ ସମେତ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ ।

# ଅମଲାପଡା ଦୁର୍ଗା ପୂଜା ମଣ୍ଡପ ଓ ହେମସୁରପଡା ଦୁର୍ଗା ପୂଜା ମଣ୍ଡପ ପାଇଁ କୋଟିଏ ଅନୁଦାନ

ଅନୁଗୋଳ (ମନ୍ଥନ): ଚଳିତ ବର୍ଷ ଶହେ ବର୍ଷ ପୂରଣ କରିବାକୁ ଯାଉଥିବା ଅନୁଗୋଳର ସର୍ବପୁରାତନ ଅମଲାପଡ଼ା

ଦୁର୍ଗାପୂଜା ମଣ୍ଡପ ପାଇଁ ଖୁସି ଖବର। ଅମଲାପଡ଼ା ଦୁର୍ଗାପୂଜା ମଣ୍ଡପର ନବୀକରଣ ପାଇ ସରକାର ୫୦ ଲକ୍ଷ ଟଙ୍କା ମଞ୍ଜୁର କରିଛନ୍ତି । ସେହିପରି ୭୦ ବର୍ଷ ପୂରଣ କରିବାକୁ ଯାଉଥିବା ହେମସୁରପଡ଼ା ଦୁର୍ଗାପୂଜା ସମିତି ପାଇଁ ମଧ୍ୟ ଅନୁଦାନ ଅଜାଡ଼ି ଦେଇଛନ୍ତି ସରକାର। ସହରର ଏହି ଦୁଇ ପୁରାତନ ମଣ୍ଡପ ପାଇ ମୁଖ୍ୟମନ୍ତ୍ରୀ ସ୍ୱତନ୍ତ୍ର ସହାୟତା ଯୋଜନାରେ ମୋଟ୍ ୧ କୋଟି ଟଙ୍କା ପ୍ରଦାନ କରାଯାଇଛି। ସହରରେ ଥିବା ପୁରାତନ ୫ଟି ଦୁର୍ଗା ମଣ୍ଡପର ଉନ୍ନତିକରଣ ପାଇଁ ଅନୁଗୋଳ ବିଧାୟକ ପ୍ରତାପ ଚନ୍ଦ୍ର ପ୍ରଧାନ ସରକାରଙ୍କୁ ପ୍ରସ୍ତାବ ଦେଇଥିଲେ ।

ବିଧାୟକଙ୍କ ଉଦ୍ୟମ କ୍ରମେ ଏକ ଅନ୍ତରୀଣ କମିଟି ଯାଞ୍ଚ ପାଇଁ ଆସିଥିବା ବେଳେ କମିଟିର ରିପୋର୍ଟ ଆଧାରରେ ସରକାର ପ୍ରାଥମିକ ପର୍ଯ୍ୟାୟରେ ଦୁଇଟି ମଣ୍ଡପର ନିର୍ମାଣ ପାଇଁ ୫୦ ଲକ୍ଷ ଲେଖାଏଁ ମଞ୍ଜୁର କରିଛନ୍ତି। ଅର୍ଥ ଅନୁମୋଦନ ପରେ ତୁରନ୍ତ କାର୍ଯ୍ୟ ଆରମ୍ଭ ସାଙ୍ଗକୁ ଏଷ୍ଟିମେଟ୍ ପ୍ରସ୍ତୁତ କରିବାକୁ ଜିଲ୍ଲାପାଳ ପୌର ନିର୍ବାହୀ ଅଧିକାରୀ ସତ୍ୟପ୍ରକାଶ ତ୍ରିପାଠୀଙ୍କୁ ନିର୍ଦ୍ଦେଶ ଦେଇଥିବାଜଣାପଡିଛି। କମିଟି କର୍ମକର୍ତାଙ୍କ ସହ ଆଲୋଚନା କରି ମଣ୍ଡପ ନିର୍ମାଣ କରାଯିବ। ଏ ନେଇ ବିଧାୟକ ଶ୍ରୀ ପ୍ରଧାନ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝି, ପୂର୍ବତନ କେନ୍ଦ୍ରମନ୍ତ୍ରୀ ତଥା ସାଂସଦ ଧର୍ମେନ୍ଦ୍ର ପ୍ରଧାନ, ସାଂସଦ ରୁଦ୍ରନାରାୟଣ ପାଣିଙ୍କୁ କୃତଜ୍ଞତା ଜଣାଇଛନ୍ତି।

# ନବୀନଙ୍କୁ ଅନୁଗୋଳ ବିଜେଡିର ଶୁଭେଚ୍ଛା

ଅନୁଗୋଳ ,୬।୮: ଅନୁଗୋଳ ଜିଲ୍ଲା ଯୋଜନା କମିଟି ନିର୍ବାଚନରେ ବିଜୁ ଜନତା ଦଳ ୧୦ଟି ଆସନରେ ବିଜୟ ଲାଭ କରିବା ପରେ ଆଜି ବିଜୁ ଜନତା ଦଳର ମାନ୍ୟବର ସୁପ୍ରିମୋ ନବୀନ ପଟ୍ଟନାୟକଙ୍କୁ ଅନୁଗୋଳ ଜିଲ୍ଲା ବିଜୁ ଜନତା ଦଳର ସଭାପତି ତଥା ମାନ୍ୟବର ବିଧାୟକ ତାଳଚେର ଶ୍ରୀ ବ୍ରଜକିଶୋର ପ୍ରଧାନଙ୍କ ନେତୃତ୍ୱରେ ସମସ୍ତ ବିଜୟୀ ପ୍ରାର୍ଥୀ ସାକ୍ଷାତ କରି ଶୁଭେଚ୍ଛା ଜଣାଇବା ସହିତ ଆଶୀର୍ବାଦ ଗ୍ରହଣ କରିଛନ୍ତି। ଏହି କାର୍ଯ୍ୟକ୍ରମରେ ମାନ୍ୟବର ବିଧାୟକ ଆଠମଲ୍ଲିକ ଶ୍ରୀଯୁକ୍ତ ନଳିନୀକାନ୍ତ ପ୍ରଧାନ, ମାନ୍ୟବର ଲୋକସଭା ସାଂସଦ ପ୍ରାର୍ଥୀ ଡଃ ଅବିନାଶ ସାମଲ, ମାନ୍ୟବର ପୂର୍ବତନ ଉପବାଚସ୍ପତି ଶ୍ରୀଯୁକ୍ତ ରଜନୀକାନ୍ତ ସିଂହ, ମାନ୍ୟବର ପୂର୍ବତନ ବିଧାୟକ ଛେଣ୍ଡିପଦା ସୁଶାନ୍ତ କୁମାର ବେହେରା, ମାନ୍ୟବର ପୂର୍ବତନ ବିଧାୟକ ପାଲଲହଡ଼ା ମୁକେଶ ପାଲ, ବିଜୁ ଜନତା ଦଳର ବରିଷ୍ଠ ନେତା ବିପ୍ଳବ ଜେନା, ଜିଲ୍ଲାପରିଷଦ ଅଧକ୍ଷା ଶ୍ରୀମତୀ ବବିତା ପ୍ରଧାନ, ଉପାଧକ୍ଷା ଶ୍ରୀମତି ରଶ୍ମିତା ସେଠୀ ଓ ସମସ୍ତ ଜିଲ୍ଲାପରିଷଦ ସଦସ୍ୟ ଓ ସଦସ୍ୟା, ଅନୁଗୋଳ ବାର ଆସୋସିଏସନର ସଭାପତି ଦିଲ୍ଲୀପ ସାହୁଙ୍କ ସମେତ ଜିଲ୍ଲା କମିଟିର ପଦାଧିକାରି ଉପସ୍ଥିତ ଥିଲେ। ଈସମସ୍ତ କର୍ମୀ, ସମର୍ଥକ ଓ ଅନୁଗୋଳବାସୀଙ୍କୁ ଆଶୀର୍ବାଦ ଓ ସହଯୋଗ ପାଇଁ ଅଶେଷ ଧନ୍ୟବାଦ ।

# ଦୀନକୃଷ୍ଣ ମହାବିଦ୍ୟାଳୟର ପୁରାତନ ଛାତ୍ରଛାତ୍ରୀଙ୍କ ପକ୍ଷରୁ ଶ୍ରଦ୍ଧାଞ୍ଜଳି ସଭା

ଜଳେଶ୍ୱର,୬।୮(ନି.ପ୍ର.): ଦୀନକୃଷ୍ଣ ମହାବିଦ୍ୟାଳୟ, ଜଳେଶ୍ୱରର ୧୯୮୨-୮୩ ଶିକ୍ଷାବର୍ଷର ଛାତ୍ରଛାତ୍ରୀଙ୍କୁ ପ୍ରଥମେ ସଂଗଠିତ କରି କ୍ରମାଗତ ଚାରି ବର୍ଷ ହେଲା ବନ୍ଧୁ ମିଳନ ତଥା ଅନ୍ୟାନ୍ୟ କାର୍ଯ୍ୟକ୍ରମ କରିବାରେ



ପ୍ରମୁଖ ଭୂମିକା ଗ୍ରହଣ କରିଥିବା ସାଧାସିଧା ମଣିଷ ଲକ୍ଷ୍ମଣ ପାତ୍ର ଗତ ତା ୨୩/୭/୨୬ ରିଖରେ ଇହଧାମ ତ୍ୟାଗ କରିଛନ୍ତି । ସେଥିପାଇଁ ସ୍ୱର୍ଗତ ଲକ୍ଷ୍ମଣ ପାତ୍ରଙ୍କ ସାଙ୍ଗସାଥୀ ମାନେ ଏକତ୍ରିତ ହୋଇ ଗତ କାଲି ଜଳେଶ୍ୱର ନୂଆବଜାର ସ୍ଥିତ ବନ୍ଧୁ ଶଙ୍କର୍ଷଣ ମହାନ୍ତିଙ୍କ ବାସଭବନରେ ଏକ ସ୍ମୃତି ସଭାର ଆୟୋଜନ କରିଥିଲେ । ପୂର୍ବତନ ଅଧକ୍ଷ ସୁଧୀର କୁମାର କରଙ୍କ ପରିଚାଳନାରେ ସଭାକାର୍ଯ୍ୟ ଅନୁଷ୍ଠିତ ହୋଇଥିଲା । ବିଜୟ ମହାନ୍ତି, ପ୍ରଫୁଲ୍ଲ କୁମାର ଦେ, ଭୁବନ ଦାସ, ଅକ୍ଷୟ ପରିଡ଼ା,କାହ୍ନୁସାହୁ, ଇନ୍ଦୁମତୀ ଗିରି, ପ୍ରଦୀପ୍ତ ଦାସମହାପାତ୍ର, ପ୍ରଶାନ୍ତ ସି, ବିନୋଦ ପାତ୍ର , ସୂର୍ଯ୍ୟକାନ୍ତ ବେହେରା, ସୁଭଦ୍ରା ସେନାପତି, ପ୍ରଶାନ୍ତ ମହାନ୍ତି, ମୁରଲୀମୋହନ ପ୍ରଧାନ, ଫକୀରମୋହନ କର, ରମେଶ ଗିରି, ବିଷ୍ଣୁପ୍ରିୟା ବେହେରା, ରାଜେନ୍ଦ୍ର ଦତ୍ତ, ଦିଲ୍ଲୀପ ସାହୁ, ହରେନ୍ଦ୍ର ପାତ୍ର, ଅକ୍ଷୟ ଜେନା, ଅରୁଣ ପାଢ଼ୀ, ମନ୍ତୋଷ କାମିଲା, ସନ୍ତୋଷ ସାହୁ ତଥା ଅନେକ ସାଙ୍ଗର ପରିବାର ଓ ସ୍ୱର୍ଗତ ଲକ୍ଷ୍ମଣ ପାତ୍ରଙ୍କର ଭଉଣୀ, ଭିଣୋଇ, ଭାଇ ମାନେ ସଭାରେ ଯୋଗ ଦେଇ ସ୍ୱର୍ଗତ ପାତ୍ରଙ୍କର ସ୍ମୃତିଚାରଣ କରିଥିଲେ । ସାମାଜିକ ମଣିଷ ପାଇଁ ଜଣେ ବନ୍ଧୁର କେତେ ଆବଶ୍ୟକ ରହିଛି,ଏହା ହିଁ ସ୍ମୃତି ସଭାର ମୁଖ୍ୟ ପ୍ରସଙ୍ଗ ରହିଥିଲା । ଶେଷରେ ସଭାରେ ଉପସ୍ଥିତ ଥିବା ବ୍ୟକ୍ତିଙ୍କୁ ଶଙ୍କର୍ଷଣ ମହାନ୍ତି ଭାବବିହ୍ୱଳିତ କୃତଜ୍ଞତା ଜଣାଇଥିଲେ ।

# ରାଜଗାଙ୍ଗପୁର ଜିଲ୍ଲା ପୋଲିସ ପ୍ରଶାସନ ପକ୍ଷରୁ ପ୍ରସ୍ତୁତି ବୈଠକ



ରାଜଗାଙ୍ଗପୁର : ରାଜଗାଙ୍ଗପୁର ସହର ର ଐତିହାସିକ ପ୍ରସିଦ୍ଧ ଗଣେଶ ପୂଜା ନିମନ୍ତେ ସୁନ୍ଦରଗଡ଼ ଜିଲ୍ଲା ଉପ ଜିଲ୍ଲାପାଳ ତେଜସ୍ୱାନି ବେହେରା ଙ୍କ ଅଧକ୍ଷତାରେ ଅନୁଷ୍ଠିତ ବୈଠକରେ ଜିଲ୍ଲା ଅତିରିକ୍ତ ଏସପି ମହେନ୍ଦ୍ର ମୁର୍ମୁ ରାଜଗାଙ୍ଗପୁର ବଡ଼ଗାଁ ଏଡିପିଓ ବିଭୁତି ଭୁଷଣ ଭୋଇ ଥାନା ଅଧିକାରୀ ବିଜୟ କିଶୋର ଦାଶ ତହସିଲଦାର ଜଗବନ୍ଧୁ ମଲିକ୍ ବିଡ଼ିଓ ଅକ୍ଷୟ କୁମାର ବାଗ ପୌରପରିଷଦ କାର୍ଯ୍ୟ ନିର୍ବାହୀ ଅଧିକାରୀ ଗୋବିନ୍ଦ ଦଣ୍ଡସେନା ପୌରପାଳିକା ଚେୟାରମେନ ଶ୍ରୀ ମତି ମାଧୁରୀ ଲୁଗୁଣ ଟାଟା ପାୱାର ଅଧିକାରୀ ସଞ୍ଜୀବ ମାହାନ୍ତି ଟାଉନ କଂଗ୍ରେସ ସଭାପତି ତଥା ବିଧାୟକ ପ୍ରତିନିଧି ଦେବରଞ୍ଜନ ବିନୋଦ ବିଜେପି ମଣ୍ଡଳ ସଭାପତି ରାଜନ୍ ସୋନି କେନ୍ଦ୍ରୀୟ ପୂଜା କମିଟି ସଭାପତି ରମେଶ ଅଗ୍ରୱାଲ ବଜରଙ୍ଗ ଦଳ ନେତା ସନ୍ଦୀପ ଦାଶ ନୋଡାଲ ଅଧିକାରୀ ଡଃ ଐଶ୍ୱର୍ଯ୍ୟ ପାଣିଗ୍ରାହୀ ପରିମଳ ଅଧିକାରୀ କାର୍ତ୍ତିକ ମହାରଣା ହଜମ ଟୁଡୁ ପିସି ଜିଲା ବିଭିନ୍ନ ସରକାରୀ ବିଭାଗର ଅଧିକାରୀ ପୂଜା କମିଟି ସଭାପତି ସମ୍ପାଦକ ସଦସ୍ୟ ମାନ୍ୟଗଣ୍ୟ ବ୍ୟକ୍ତି ସାଧାରଣ ନାଗରିକ ଙ୍କ ଉପସ୍ଥିତିରେ ସରକାରୀ ଗାଇଡ ଲାଇନ ବିଭିନ୍ନ ବିଷୟ ବସ୍ତୁ ଉପରେ ବିସ୍ତୃତ ଭାବରେ ଆଲୋଚନା କରାଯାଇ ଯଥାଶୀଘ୍ର ପଦକ୍ଷେପ ଗ୍ରହଣ କରାଯିବ ବୋଲି ସୂଚନା ଦିଆଯାଇଥିଲା। ଗଣେଶ ପୂଜା ସମୟରେ ଅଶ୍ଳୀଳ ସଙ୍ଗୀତ ନୃତ୍ୟ ଗୀତ ଡିଜେ ସହର ମୁଖ୍ୟ ରାସ୍ତା ରେ ଗାଡ଼ି ଚଳାଚଳ ନିଷେଧ ସହ ସିସିଟିଭି କ୍ୟାମେରା ଭାଇଚାରା ବଜାଇ ରଖିବା ରାସ୍ତା ଘାଟ ମରାମତି ଆଲୋକ ସ୍ୱାସ୍ଥ୍ୟ ସେବା ସୁରକ୍ଷା ଜଳ ସେବା ସୋସିଆଲ ମିଡ଼ିଆ ଅ ପ୍ରଚାରରେ ଉପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ପୋଲିସ ପେଟ୍ରୋଲିଂ କଡାକଡି ଓ ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା ହୋଇଥିଲା। ପୋଲିସ ପ୍ରଶାସନ ସହରର ସମସ୍ତ ନାଗରିକ ଙ୍କ ସହଯୋଗ କାମନା କରିଥିଲେ।

# ଜଙ୍ଗଲରେ ଦେଶୀ ବନ୍ଧୁକ ତିଆରି କାରଖାନା

ବୁଗୁଡ଼ା : ବୁଗୁଡ଼ା ପୋଲିସକୁ ମିଳିଛି ବଡ଼ ସଫଳତା ।କ୍ଷ ଆଲୁ ଖୋଲୁ ଖୋଲୁ ମହାଦେବ ବାହାରିଲା ଭଳି ବନ୍ଧୁକ ବିକ୍ରି କରିବାକୁ ଆସିଥିବା ବେଳେ ପୋଲିସ ଦୁଇ ଜଣଙ୍କୁ ଧରି ଖୋଳତାଡ଼ କରି ଜଙ୍ଗଲ ଭିତରେ ଚାଲିଥିବା ଦେଶୀ ବନ୍ଧୁକ ତିଆରି କାରଖାନା ଉପରେ ଚଡାଉ କରି ବନ୍ଧୁକ ତିଆରି ସରଞ୍ଜାମ ଜବତ କରିଥିବା ସାମ୍ବାଦିକ ସମ୍ମିଳନୀରେ ଏସଡିପିଓ ଦୀପକ କୁମାର ମିଶ୍ର ସୂଚନା ଦେଇଛନ୍ତି । ସୂଚନା ଅନୁଯାୟୀ, ଗତକାଲି ରାତିରେ ପେଟ୍ରୋଲିଙ୍ଗ କରୁଥିବା ସମୟରେ ଦୁଇ ଜଣ ବ୍ୟକ୍ତି ଦେଶୀ ବନ୍ଧୁକ ନେଇ ଆସିଥିବା ଏବଂ ବିକ୍ରି କରିବା ପାଇଁ ଉଦ୍ୟମ କରୁଥିବା ଖବର ପାଇ ବାଲିପଦର ଏସଆଇ କେ.ନୀଳାଦ୍ରି ରେଡ୍ଡୀଙ୍କ ନେତୃତ୍ୱରେ ପୋଲିସ ଟିମ ଝୋଲୋରୀ ଓ ବାଲିପଦର ମଧ୍ୟରେ ଦୁଇ ଜଣଙ୍କୁ ଗିରଫ କରି ସେମାନଙ୍କ ଠାରୁ ଦୁଇଟି ଦେଶୀ ବନ୍ଧୁକ ଜବତ କରିଥିଲେ କ୍ଷ ଗିରଫ ବ୍ୟକ୍ତି ଦ୍ୱୟ ହେଲେ ଗାଙ୍ଗପୁର ଥାନା ଅନ୍ତର୍ଗତ ଜଡ଼ାପଲ୍ଲୀ ଗ୍ରାମର ସୁବାସ ଗମାଙ୍ଗ (୩୫) ଓ ବିଦୁ ଦଳବେହେରା (୫୦) । ସେମାନଙ୍କୁ ଜେରା କଲା ପରେ ଜଙ୍ଗଲ ଭିତରେ ସେମାନେ ବନ୍ଧୁକ ତିଆରି କରୁଥିବା ଜଣାପଡିଥିଲା। ଫଳରେ ପୋଲିସ ଟିମ ଗାଙ୍ଗପୁର ଓ ସୋରଡ଼ା ମଧ୍ୟସ୍ଥ ସିଆରିମାଳ ଜଙ୍ଗଲ ଭିତରେ ଥିବା ଦେଶୀ ବନ୍ଧୁକ ତିଆରି କାରଖାନା ଉପରେ ଚଡାଉ କରି ବିପୁଳ ପରିମାଣର ବନ୍ଧୁକ ତିଆରି ସାମଗ୍ରୀ ଜବତ କରିଥିଲେ । ଏ ନେଇ କେସ ନଂ- ୩୮ ୧/୨୬ରେ ଏକ ମାମଲା ରୁଜୁ କରାଯାଇ ଉଭୟଙ୍କୁ କୋର୍ଟ ଚାଲାଣ କରାଯାଇଥିବା ସାମ୍ବାଦିକ ସମ୍ମିଳନୀରେ ଏସଡିପିଓ ଦୀପକ କୁମାର ମିଶ୍ର ,ବୁଗୁଡ଼ା ଆଇଆଇସି ସୀତାଂଶୁ ଶେଖର ମାନ୍ଧାତା, ଏସଆଇ ଅଜୟ ମଲ୍ଲିକ୍ ଓ ବାଲିପଦର ଫାଣ୍ଡି ଅଧିକାରୀ କେ. ନୀଳାଦ୍ରି ରେଡ୍ଡୀ ଉପସ୍ଥିତ ରହି ସୂଚନା ଦେଇଥିଲେ ।

# ଶ୍ରୀ ବିବେକାନନ୍ଦ ବିଦ୍ୟା ମନ୍ଦିରରେ 'ସୁକନ୍ୟା ସ୍ୱାସ୍ଥ୍ୟ ଶିକ୍ଷା କାର୍ଯ୍ୟକ୍ରମ'

ବ୍ରହ୍ମପୁର,୬।୮(ମନ୍ଥନ): ସ୍ଥାନୀୟ ପୁରୁଣା ବ୍ରହ୍ମପୁର, ମାଲୁଆଣୀ ମନ୍ଦିର ନିକଟସ୍ଥ ଲକ୍ଷ୍ମୀନୃସିଂହ ସାହି ୧୪ ନମ୍ବର ଗଳି ସ୍ଥିତ ଶ୍ରୀ ବିବେକାନନ୍ଦ ବିଦ୍ୟା ମନ୍ଦିର ପରିସରରେ ଗୁରୁବାର ଦିନ କିଶୋରୀ ଛାତ୍ରୀ ମାନଙ୍କୁ ନେଇ 'ସୁକନ୍ୟା ସ୍ୱାସ୍ଥ୍ୟ ଶିକ୍ଷା କାର୍ଯ୍ୟକ୍ରମ' ଅନୁଷ୍ଠିତ ହୋଇଯାଇଛି । ଏହି ବିଶେଷ ସ୍ୱାସ୍ଥ୍ୟ ସଚେତନତା ଶିବିରରେ ବ୍ରହ୍ମପୁର ସିଟି ହସ୍ପିଟାଲର ପ୍ରସୂତି ଓ ସ୍ତ୍ରୀ ରୋଗ ବିଶେଷଜ୍ଞ ଡାକ୍ତର ଆସ୍ଥା ମୁଖ୍ୟ ସଚେତକ ଭାବେ ଯୋଗ ଦେଇଥିଲେ । ସେ ବିଦ୍ୟାଳୟର କିଶୋରୀ ଛାତ୍ରୀ ମାନଙ୍କୁ ସ୍ୱାସ୍ଥ୍ୟ,



ବ୍ୟକ୍ତିଗତ ସ୍ୱଚ୍ଛତା, ପୋଷଣ ଏବଂ କିଶୋର ଅବସ୍ଥାରେ ଦେଖା ଦେଉଥିବା ବିଭିନ୍ନ ଶାରୀରିକ ଓ ମାନସିକ ପରିବର୍ତ୍ତନ ସମ୍ପର୍କରେ ସହଜ ସରଳ ଭାଷାରେ ବୁଝାଇ ଥିଲେ । ଏହା ସହ ଛାତ୍ରୀମାନଙ୍କ ସ୍ୱାସ୍ଥ୍ୟ ସମ୍ବନ୍ଧୀୟ ବିଭିନ୍ନ ପ୍ରଶ୍ନର ଉତ୍ତର ରଖି ସେମାନଙ୍କ ସନ୍ଦେହ ଦୂର କରି ବହୁ ଉପଯୋଗୀ ଉପଦେଶ ପ୍ରଦାନ କରିଥିଲେ । ଉକ୍ତ ଶିକ୍ଷଣୀୟ ଅଧିବେଶନରେ ବିଦ୍ୟାଳୟର ବହୁ ସଂଖ୍ୟାରେ ଛାତ୍ରୀ ଯୋଗ ଦେଇ ସ୍ୱାସ୍ଥ୍ୟ ରକ୍ଷା ସମ୍ପର୍କିତ ଅନେକ ଗୁରୁତ୍ୱପୂର୍ଣ୍ଣ ଜ୍ଞାନ ଆହରଣ କରିଥିଲେ । ଡାକ୍ତରୀ ମାଡାମଙ୍କ ଉପାଦେୟ ଉପଦେଶକୁ ଶିଶୁମାନେ ଆଗ୍ରହର ସହ ଶୁଣିବା ସହ ଆଗାମୀ ସମୟରେ ନିଜ ଜୀବନରେ ଆଜିର ଏହି ସୁକନ୍ୟା ଶିକ୍ଷଣ କାର୍ଯ୍ୟକ୍ରମର ଉପାଦେୟତାକୁ ଜୀବନର ପ୍ରତିଟି କ୍ଷେତ୍ରରେ ବ୍ୟବହାର କରିବା ପାଇଁ ସଂକଳ୍ପବଦ୍ଧ ହୋଇଥିଲେ । ଏହି କାର୍ଯ୍ୟକ୍ରମକୁ ସଫଳ କରିବାରେ ବିଦ୍ୟାଳୟ କର୍ତ୍ତୃପକ୍ଷ, ଗୁରୁଜୀ ଓ ଗୁରୁମା ମାନେ ସମ୍ପୂର୍ଣ୍ଣ ସହଯୋଗ କରିଥିଲେ ।

Printed and Published by Sitesh Kumar Rout _ owned by Manthan Printers Pri\ate Limited and Printed at WEB LINE, Plot No. D-2/19, Mancheswar Industrial Estate, Bhubaneswar-751010, Dist-Khurda (Odisha) and Published at A-17/8, Surya Nagar, Unit-7, Bhubaneswar-3, Dist- Khurda (Odisha), Tele-Fax: Ph. No: (0674) 2397438, 9778071104, **Email : odishamanthan@gmail.com**

● **Editor : Sarat Raut**

ସଂପାଦକ: ଶରତ ରାଉତ